## ଆଜି କ'ଣ କେଉଁଠି

**ତିହିଡ଼ି**

- ଭୀମଭୋଇ ସାମର୍ଥ୍ୟ ଶିବିର, **ସ୍ଥାନ:** ବିଲଣା ସହଯୋଗ ହାଇସ୍କୁଲ, **ସମୟ:** ସକାଳ ୮ଟା।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ଗୁରୁତର

**ଭଦ୍ରକ ଅଫିସ,୨୨।୧୦:** ଭଦ୍ରକ ପୌରାଞ୍ଚଳ ଅଧୀନ ଜଗନ୍ନାଥପୁର ଷ୍ଟେଟବ୍ୟାଙ୍କ ଶାଖା ନିକଟରେ ଆକାଶ ଦାସ ନାମକ ଜଣେ ନାବାଳକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଜଗନ୍ନାଥପୁର ଷ୍ଟେଟବ୍ୟାଙ୍କ ଶାଖା ନିକଟରେ ପୂର୍ବରୁ ଓହଳି ରହିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଆକାଶ ଗୁରୁତର ହୋଇ ସେଠାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ଚିକିତ୍ସାଳୟକୁ ନେଇଯାଇଥିଲେ। ତାଙ୍କ ଶରୀରର ଅର୍ଦ୍ଧାଧିକ ପୋଡ଼ିଯାଇଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଆକାଶଙ୍କ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଶହୀଦ ଭଗତ ସେନା ଓ ବିଏସ୍ଏସ୍ ସଙ୍ଗଠନର କର୍ମକର୍ତ୍ତା ପ୍ରାୟ ୨୦ ହଜାର ଟଙ୍କା ସଂଗ୍ରହ କରି ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି।

### ମିଳିତ ଜନଅଭିଯୋଗ ଶୁଣାଣି

**ଭଣ୍ଡାରିପୋଖରୀ, ୨୨।୧୦(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାସ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ମନୋରମା ଭୂୟାଁ, ଜିଲା ଚିକିତ୍ସାଧିକାରୀ ଡା. ମହମ୍ମଦ ଅବଦୁଲ ରସିଦ, ବିଡିଓ ବନମାଳୀ ତରାଇ, ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁଶ୍ରୀ ବେହେରା, ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ ପ୍ରମୁଖ ଯୋଗଦେଇଥିଲେ। ମୋଟ ୯୮ ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ।

### ବ୍ଲକ କାର୍ଯ୍ୟାଳୟ ଘେରିବ ଭାଜପା

**ବନ୍ତ,୨୨।୧୦(ସ୍ୱ.ପ୍ର.):** ବନ୍ତ ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଭାଜପା ପକ୍ଷରୁ ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବାମଦେବ ସାମଲ ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତ ଯୋଗଦେଇ ବୁଥ୍ସ୍ତରରୁ ଦଳକୁ ମଜ୍ଭୁତ କରିବା ପାଇଁ ପ୍ରତି ଘରକୁ ଯାଇ କେନ୍ଦ୍ରୀୟ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ। ଆସନ୍ତା ୨୪ରୁ ୨୬ ତାରିଖ ମଧ୍ୟରେ ସମସ୍ତ ପଞ୍ଚାୟତରେ ପ୍ରସ୍ତୁତି ବୈଠକ କରିବାକୁ ସ୍ଥିର କରାଯାଇଛି। ସୁଧାକର ଧଳ, ପତଞ୍ଜଳି କରଶର୍ମା, ସନ୍ଥ ଚିନ୍ତାମଣି ପଣ୍ଡା ଦଳୀୟ ସଙ୍ଗଠନ ବିଷୟରେ ମତ ରଖିଥିଲେ।

# ୨୯ରେ ଭଦ୍ରକ ଜିଲା ବନ୍ଦ ଡାକରା

**ଭଦ୍ରକ ଅଫିସ,୨୨।୧୦**

ଭଦ୍ରକ ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଦିନକୁ ଦିନ ବଢ଼ିବାରେ ଲାଗିଛି। ମାସକରୁ ଉର୍ଦ୍ଧ୍ୱ ଦିନ ଧରି ଜିଲାର ବିଭିନ୍ନ କୋଣାନୁକୋଣରେ ପଥପ୍ରାନ୍ତ ସଭା, ଦସ୍ତଖତ ଅଭିଯାନ, ବ୍ଲକ ସମ୍ମୁଖରେ ପ୍ରତିବାଦ ସଭା କରାଯାଇ ଆସୁଥିଲେ ମଧ୍ୟ ସରକାରୀସ୍ତରରେ ମେଡିକାଲ କଲେଜ ସ୍ଥାପନ ନେଇ ଘୋଷଣା କରାଯାଉ ନାହିଁ। ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆସନ୍ତା ୨୯ ତାରିଖରେ ସମଗ୍ର ଜିଲାରେ ବନ୍ଦ ପାଳନ କରାଯିବ ବୋଲି ମେଡିକାଲ କଲେଜ ସଂଗ୍ରାମୀ ସେନା ଡାକରା ଦେଇଛି।

ଭଦ୍ରକ ମେଡିକାଲ ସଂଗ୍ରାମୀ ସେନା ପକ୍ଷରୁ ଏନେଇ ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ଜରୁରୀକାଳୀନ ଅଧିକାରୀ ଜୟଶ୍ରୀ ସେନାପତି, ଏସ୍ପିଙ୍କ ଅନୁପସ୍ଥିତିରେ ଏସ୍ଡିପିଓ ଜଳନ୍ଧର ଜାଲି ଓ ଭଦ୍ରକ ଷ୍ଟେଶନ ମାଷ୍ଟରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଗ୍ରାମୀ ସେନାର ଆବାହକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଚଉଦମହଲା ମୁସଲିମ୍ ଜମାତର ସଭାପତି ମହମ୍ମଦ ଅବଦୁଲ ବାରି, ଡା. ହରେକୃଷ୍ଣ ନାୟକ, ଅପୂର୍ବ ବେହେରା, ହେମନ୍ତ ମହାପାତ୍ର, ସୁଧାକର ରାଉତ, ସୁରଜ ସାହୁ, ସୁଦୀପ୍ତ ଖଟୁଆ, ଭଗତ ସେନା ପକ୍ଷରୁ ସୀତାଂଶୁ ମହାପାତ୍ର, ପଦ୍ମନାଭ ପଣ୍ଡା, ବିଏସ୍ଏସ୍ ପକ୍ଷରୁ ସଞ୍ଜିତ ନାୟକ, ଟୁକୁନା ସ୍ୱାଇଁ, ଆଇନଜୀବୀ ଝରଣା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରକ ଜିଲା ଚିକିତ୍ସାଳୟ ଉପରେ ଭଦ୍ରକ ସମେତ ପଡ଼ୋଶୀ ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର ଓ କେନ୍ଦୁଝର ଜିଲାର ପ୍ରାୟ ୨୦ ଲକ୍ଷ ରୋଗୀ ନିର୍ଭର କରନ୍ତି। ଦୈନିକ ୧୫ ଶହରୁ ଉର୍ଦ୍ଧ୍ୱ ରୋଗୀ ବହିର୍ବିଭାଗରେ ଡାକ୍ତରଙ୍କ ପରାମର୍ଶ ନେଇଥାନ୍ତି। ହେଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭଦ୍ରକ ଜିଲା ସମ୍ପୂର୍ଣ୍ଣ ଉପେକ୍ଷିତ। ଜିଲାବାସୀଙ୍କ ସ୍ୱାର୍ଥ ସମ୍ବଳିତ ଦାବି ପ୍ରତି ସରକାର ଅଣଦେଖା ମନୋଭାବ ଦେଖାଇ ଆସିଥିବାରୁ ଏହାର ପ୍ରତିବାଦରେ ୨୯ ତାରିଖରେ ଜିଲାରେ ବନ୍ଦ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଉଲ୍ଲେଖନୀୟ ଯେ, ମେଡିକାଲ କଲେଜ ସ୍ଥାପନ ଦାବିରେ ଭଦ୍ରକ ସମେତ ବାଙ୍ଗାଲୋରରେ ମଧ୍ୟ ବିବିଧ କାର୍ଯ୍ୟକ୍ରମ କରାଯାଇଛି। ବାଙ୍ଗାଲୋରରେ ବସବାସ କରୁଥିବା ଭଦ୍ରକର ବାସିନ୍ଦାମାନେ ଏହି ଦାବିକୁ ସମର୍ଥନ ଜଣାଇ ଆଗକୁ ବାହାରି ଦସ୍ତଖତ ଅଭିଯାନ କରିଛନ୍ତି।


ଏସ୍ଡିପିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

- ମେଡିକାଲ କଲେଜ ପ୍ରତିଷ୍ଠା ଦାବି
- ସଂଗ୍ରାମୀ ସେନା ପକ୍ଷରୁ ସ୍ମାରକପତ୍ର

# ଭଣ୍ଡାରିପୋଖରୀରେ ହସ୍ତତନ୍ତ ବୟନଶିଳ୍ପ ସଚିବ

**ଭଣ୍ଡାରିପୋଖରୀ, ୨୨।୧୦(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ହସ୍ତତନ୍ତ ହସ୍ତଶିଳ୍ପ ଓ ବୟନଶିଳ୍ପ ସଚିବ ଶୁଭା ଶର୍ମା ସୋମବାର ଭଦ୍ରକ ଜିଲା ଗସ୍ତରେ ଆସି ଭଣ୍ଡାରିପୋଖରୀ ବ୍ଲକରେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ସଚିବଙ୍କ ସହିତ ଜିଲାପାଳ ଜ୍ଞାନରଞ୍ଜନ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ତହସିଲଦାର ପ୍ରଣୟ କୁମାର ଜେନା ପ୍ରମୁଖ ନେରଡ଼ା ପଞ୍ଚାୟତର ସ୍କୁଲ, ଟିକରା ଅଙ୍ଗନୱାଡି କେନ୍ଦ୍ର, ଆଖୁଆପଦାଠାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏଥିସହ ସ୍ୱୟଂସହାୟିକା ଗୋଷ୍ଠୀ, ଇନ୍ଦିରା ଆବାସ ଓ ମମତା ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର କର୍ମଚାରୀ, ଅଙ୍ଗନୱାଡି ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।


ବୟନ ଶିଳ୍ପ ସଚିବ ଶୁଭା ଶର୍ମା ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ସହ ଆଲୋଚନା କରୁଛନ୍ତି।

# ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଭଦ୍ରକ ଅଫିସ,୨୨।୧୦**

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ପଞ୍ଚାୟତ ପଛପଡ଼ା ଗ୍ରାମବାସୀ ଗ୍ରାମ୍ୟରାସ୍ତା ଜବରଦଖଲ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଏହି ଜବରଦଖଲ ଉଚ୍ଛେଦ ପାଇଁ ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ, ଉକ୍ତ ଗାଁକୁ ଯିବା ପାଇଁ ଥିବା କେନାଲ ବନ୍ଧ ରାସ୍ତା ଉପରେ ଗାଁର ଦୁଇଜଣ ବ୍ୟକ୍ତି ଗୁହାଳ ଓ ରୋଷେଇ ଘର କରି ଜବରଦଖଲ କରି ରଖିଛନ୍ତି। ଜବରଦଖଲ ନେଇ ଚାନ୍ଦବାଲି ତହସିଲରେ ଅଭିଯୋଗ କରାଯାଇଥିଲେ ମଧ୍ୟ ନାଲଗୁଣ୍ଡା ଆର୍ଆଇଙ୍କ ଦ୍ୱାରା ତଦନ୍ତ କରାଯାଇ ସୀମିତ ରଖାଯାଇଛି। ଜବରଦଖଲ ଯୋଗୁ ଉକ୍ତ କେନାଲ ବନ୍ଧ ଉପରେ ସରକାରଙ୍କ ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କଂକ୍ରିଟ ପୋଲ କାମରେ ଆସୁନି। ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯାତାୟାତ ନିମନ୍ତେ ଜବରଦଖଲମୁକ୍ତ କରିବା ପାଇଁ ଗ୍ରାମର ମାୟାଧର କବି, ଲକ୍ଷ୍ମୀଧର କବି, ରାମଚନ୍ଦ୍ର ରାଉତ, ଭଗବାନ ରାଉତ, ଉମାକାନ୍ତ ସ୍ୱାଇଁ, ପ୍ରମିଳା କବି, ନିଲୁ କବି, ଭାରତୀ ରାଉତ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଚାନ୍ଦବାଲି ତହସିଲଦାର ସତ୍ୟଜିତ ରାଉତଙ୍କୁ ଯୋଗାଯୋଗ କରିବାରୁ ସେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିକ୍ରିୟା ରଖିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଛପଡ଼ା ଗ୍ରାମବାସୀ।

# ଭାଜପାର ଜିଲା କାର୍ଯ୍ୟକାରିଣୀ

**ଭଦ୍ରକ ଅଫିସ,୨୨।୧୦**

ଭଦ୍ରକ ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବଦ୍ରିନାରାୟଣ ଧଳ ସଭାପତିତ୍ୱ କରିଥିଲେ। ଜିଲା ପ୍ରଭାରୀ ମୋହନ ମାଝୀ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ରାଜ୍ୟ ଉପସଭାପତି ବିଷ୍ଣୁ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ଡା. ପ୍ରଦୀପ ନାୟକ, ଶରତ ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାରଙ୍କ ଅପାରଗତା ଓ ଦୁର୍ନୀତି ବିରୋଧରେ ଆସନ୍ତା ୨୭ରୁ ୩୦ ତାରିଖ ମଧ୍ୟରେ ଜିଲାର ସମସ୍ତ ବ୍ଲକ ଘେରାଉ କରାଯିବ। ଏହାଛଡ଼ା ଜନସାଧାରଣଙ୍କୁ ସଚେତନ କରିବା ନେଇ ଦଳ ପକ୍ଷରୁ ଜିଲାର ସମସ୍ତ ମଣ୍ଡଳରେ ଆସନ୍ତା ନଭେମ୍ବର ୧ରୁ ୩୦ ତାରିଖ ମଧ୍ୟରେ ପଦଯାତ୍ରା କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାସ୍କର ସାହୁ, ଶୁକଦେବ ମଲ୍ଲିକ, ରଘୁନାଥ ପାତ୍ର, ଶଙ୍କର୍ଷଣ ଜେନା, ଜିଲା ସାଧାରଣ ସମ୍ପାଦକ ପ୍ରଭାତ ଜେନା, ଅଶୋକ ପୁହାଣ, ଉପସଭାପତି ଶରତ ପଢିଆରୀ, ବିଦ୍ୟାଧର ସାହୁ, ଚତୁର୍ଭୁଜ ଜେନା, ଜିଲା ମହିଳାମୋର୍ଚ୍ଚା ସଭାନେତ୍ରୀ ମନସ୍ମିତା ଖୁଣ୍ଟିଆ, ବୁଦ୍ଧଦେବ ଜେନା, ମଙ୍ଗରାଜ ନାୟକ, ଜିଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ସୁରଥ ସେଠୀ, ବ୍ଲକ ଉପାଧ୍ୟକ୍ଷା ସତ୍ୟବ୍ରତ ଦାସ, ବିଳାସିନୀ ବୋଷଙ୍କ ସମେତ ଜିଲା କାର୍ଯ୍ୟକାରିଣୀ ସଦସ୍ୟ, ଜିଲା ପଦାଧିକାରୀ, ମଣ୍ଡଳ ପ୍ରଭାରୀ, ମଣ୍ଡଳ ସଭାପତି, ବିଧାନସଭା ପ୍ରଭାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ମୃତିସଭାରେ ଶ୍ରଦ୍ଧାଞ୍ଜଳି

**ଧାମନଗର,୨୨।୧୦(ଡି.ଏନ.ଏ.)**

ଦୁର୍ଘଟଣାରେ ପ୍ରାଣ ହରାଇଥିବା ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଜମତପୁର ଗ୍ରାମର ସାଂସ୍କୃତିକ ଯୁବ ସଙ୍ଗଠକ ରବିନାରାୟଣ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ଆନନ୍ଦବଜାରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏକାଦଶାହ ଅବସରରେ ସାହିତ୍ୟିକ ପ୍ରଫୁଲ୍ଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଘାସଫୁଲ ସମ୍ପାଦକ କବି ବିଷ୍ଣୁଚରଣ ସେଠୀ, ସମ୍ମାନିତ ଅତିଥି ଭାବେ ଭାସ୍କର ସାହୁ, ଡା. ବିଦ୍ୟାଧର ଜେନା, ଅଶୋକ ପୁହାଣ, ପଞ୍ଚାନନ ଲେଙ୍କା, ଲକ୍ଷ୍ମୀକାନ୍ତ ରାଉତ, ସାରଥୀ ପଣ୍ଡା, ଅଧ୍ୟାପକ ଶ୍ରୀଧର ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀକାନ୍ତ ନାୟକ, କଳାକାର ଯୋଗେନ୍ଦ୍ର ପରିଡ଼ା, କାଳନ୍ଦୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

# ସାବରଙ୍ଗ ଫାଣ୍ଡିରେ ଅଚଳାବସ୍ଥା

**ପଦ୍ମପୁର, ୨୨।୧୦(ଡି.ଏନ.ଏ.)**

ଭଦ୍ରକ ବ୍ଲକ ଅଧୀନ ସାବରଙ୍ଗ ଫାଣ୍ଡିରେ ମାସେରୁ ଉର୍ଦ୍ଧ୍ୱ ଦିନ ଧରି ଫାଣ୍ଡି ଅଧିକାରୀ ନ ଥିବାରୁ ଅଚଳାବସ୍ଥା ଦେଖାଦେଇଛି। କୋଇଲା ଚୋରି ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ପୂର୍ବରୁ ଥିବା ଫାଣ୍ଡି ଅଧିକାରୀଙ୍କୁ ନିଲମ୍ବନ କରାଯିବା ପରଠାରୁ ଏହି ପଦବୀ ଖାଲି ପଡ଼ିଛି। ଏହି ଫାଣ୍ଡି ଉପରେ ଭଦ୍ରକ ବ୍ଲକର ଏରଡା, ବ୍ରହ୍ମପୁର, ସାବରଙ୍ଗ, ଗୋରାମାଟି, ସାହାଡା, କେଦାରପୁର ଓ ଜିତାନାଗା ଆଦି ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ଭଦ୍ରକ ସଦରମହକୁମାଠାରୁ ୧୨ କି.ମି. ଦୂରରେ ଅବସ୍ଥିତ ଏହି ଫାଣ୍ଡି ଆଇନଶୃଙ୍ଖଳା ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରେ। ହେଲେ କେହି ଅଧିକାରୀ ନ ଥିବାବେଳେ ୪ ଜଣ କନଷ୍ଟେବଲଙ୍କୁ ନେଇ ଫାଣ୍ଡି ଚାଲିଛି। କୌଣସି ଅଭିଯୋଗ ନେଇ ଫାଣ୍ଡିକୁ ଗଲେ ପ୍ରଥମେ ଭଦ୍ରକ ଗ୍ରାମାଞ୍ଚଳ ଥାନାକୁ ଜଣାଇବାକୁ ପଡୁଛି। ବଡ଼ବାବୁଙ୍କ ନିର୍ଦ୍ଦେଶ ନ ପାଇଲେ କିଛି କରିପାରିବୁନି ବୋଲି କର୍ମଚାରୀମାନେ କହୁଛନ୍ତି। ଅଭିଯୋଗ ନେଇ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାବରଙ୍ଗ ଫାଣ୍ଡିରେ ଅଧିକାରୀ ନିଯୁକ୍ତି ଲାଗି ସାଧାରଣରେ ଦାବି କରାଯାଇଛି। ଏ ସମ୍ପର୍କରେ ଏସ୍ପିଙ୍କୁ ଅବଗତ କରାଯାଇଥିବା ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି।

# 'ରାଜନୈତିକ ଚାପରେ କାମ କରୁଛି ପୋଲିସ'

**ଚାନ୍ଦବାଲି,୨୨।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବାଂଶଡ଼ା ଥାନା ପୋଲିସ ରାଜନୈତିକ ଚାପରେ କାମ କରୁଛି ବୋଲି ବିଜେଡି ପକ୍ଷରୁ ସୋମବାର ଚାନ୍ଦବାଲିରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଘଣ୍ଟେଶ୍ୱର ଅଞ୍ଚଳର ଏକ କାଠ ବୋଝେଇ ଗାଡ଼ିକୁ ନେଇ ହୋଇଥିବା ଗଣ୍ଡଗୋଳ ମାମଲାରେ ପୋଲିସ ତଦନ୍ତର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି କେତେକ ଲୋକେ। ଏଭଳି ଅଭିଯୋଗକୁ ବାଂଶଡା ଥାନାଧିକାରୀ ରମେଶ ସିଂ ଅସ୍ୱୀକାର କରିଛନ୍ତି। ଜବତ କାଠଗାଡ଼ିକୁ ଘଣ୍ଟେଶ୍ୱର ଫାଣ୍ଡିରୁ ପୋଲିସ ଉପସ୍ଥିତିରେ ଛଡ଼ାଇ ନେବା ଓ ଏହାକୁ ଅନଲୋଡ କରିବା ଅଭିଯୋଗରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିବା ସହ ୨ ଜଣଙ୍କୁ ଗିରଫ କରିଛି ଏବଂ ଗଣ୍ଡଗୋଳ ନେଇ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି ବୋଲି ସେ କହିଥିଲେ।

ପ୍ରକାଶ ଯେ, ଶୁକ୍ରବାର ରାତିରେ ଏକ ଟ୍ରକରେ କାଠ ବୋଝେଇ ହୋଇ ଘଣ୍ଟେଶ୍ୱରକୁ ଆସିଥିଲା। ବଜାର ନିକଟରେ କେତେକ ଲୋକେ ଗାଡ଼ିକୁ ଅଟକାଇ ଚୋରାକାଠ ସନ୍ଦେହରେ ପୋଲିସକୁ ଖବର ଦେଇଥିଲେ। କାଠ ମାଲିକ ଖବର ପାଇ କେତେକ ସମର୍ଥକଙ୍କୁ ନେଇ ଗାଡ଼ି ପାଖକୁ ଆସିଥିଲେ। ପୋଲିସ ସମ୍ମୁଖରେ ଉଭୟଙ୍କ ମଧ୍ୟରେ ବଚସା ଓ ମାଡ଼ପିଟ୍ ହେବା ସହିତ କେତେକ ଆହତ ମଧ୍ୟ ହୋଇଥିଲେ। ପୋଲିସ ଗାଡ଼ିକୁ ନିଜ ହେପାଜତକୁ ନେବାବେଳେ କାଠ ବେପାରୀ ଗାଡ଼ିକୁ ଛଡାଇ ନେଇ ନିଜ ଡିପୋରେ କାଠ ଅନଲୋଡ କରିଥିଲେ। ଆହତ ଲୋକଙ୍କ ଅଭିଯୋଗକ୍ରମେ ଗାଡ଼ିକୁ ରାସ୍ତାରେ ଅଟକାଇଥିବା ନେଇ ବାଂଶଡା ଥାନାରେ ୬ ଜଣଙ୍କ ନାମରେ ଏକ ମାମଲା(ନଂ.୨୦୩/୧୮) ରୁଜୁ ହୋଇଛି। ଅନ୍ୟପକ୍ଷେ ଗାଡ଼ିକୁ ପୋଲିସ ହେପାଜତରୁ ନେଇଯିବା ଘଟଣାରେ ୫୦ରୁ ଅଧିକ ଲୋକଙ୍କ ନାଁରେ ଅନ୍ୟ ଏକ ମାମଲା(ନଂ.୨୦୨/୧୮) ରୁଜୁ କରାଯାଇଛି। ଭଦ୍ରକ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କାଠ ବେପାରୀଙ୍କ କାଗଜପତ୍ର ଠିକ୍ ଥିବା ରିପୋର୍ଟ ପ୍ରଦାନ କରାଯାଇଛି। ଆହତ ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରି ସାଧାରଣ ଲୋକଙ୍କୁ ଅଯଥା ହଇରାଣ କରୁଛି ବୋଲି ପୂର୍ବତନ ସରପଞ୍ଚ ଖଗେଶ୍ୱର ବେହେରା ଅଭିଯୋଗ କରିଛନ୍ତି। ଘଣ୍ଟେଶ୍ୱର ଫାଣ୍ଡି ଆଗରେ ଅନଶନ କରିବେ ବୋଲି ସେ ଚେତାବନୀ ମଧ୍ୟ ଦେଇଛନ୍ତି। ଚାନ୍ଦବାଲି ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ସତ୍ୟବୀର ପ୍ରତାପ ରାୟ, ପ୍ରଫୁଲ୍ଲ ବେହେରା, ମୁକୁନ୍ଦ ସୂତାର, ଇନ୍ଦ୍ରମଣି ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତା।




# ଜାନୁୟାରୀ ୩ରୁ ୪ର୍ଥ ଭଦ୍ରକ ପ୍ରିମିୟର ଲିଗ୍

**ଭଦ୍ରକ ଅଫିସ,୨୨।୧୦**

୪ର୍ଥ ଭଦ୍ରକ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଏନେଇ ପ୍ରସ୍ତୁତି ବୈଠକ କରାଯାଇ ଆସନ୍ତା ୨୦୧୯ ଜାନୁୟାରୀ ୩ରୁ ୧୩ ତାରିଖ ପର୍ଯ୍ୟନ୍ତ ରେଲୱେ କଲୋନୀ ପଡ଼ିଆରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଜିଲା, ରାଜ୍ୟ ଓ ଜାତୀୟସ୍ତରର ଖେଳାଳିଙ୍କୁ ନେଇ ୬ ଦଳ ଏଥିରେ ଭାଗ ନେବେ। ଟି-୨୦ ଫର୍ମାଟ୍‌ରେ ଆଇପିଏଲ୍ ଢଙ୍ଗରେ ସମସ୍ତ ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ପରିଚାଳନା ପାଇଁ ଏକ ନୂତନ କମିଟି ଗଠନ କରାଯାଇଛି। ଚେୟାରମ୍ୟାନ ଭାବେ ବୁଲୁ ମହାନ୍ତି, ଭାଇସଚେୟାରମ୍ୟାନ ଦିଲୀପ ଦାସ, ସମ୍ପାଦକ ହୃଦାନନ୍ଦ ଦାସ, ସହସମ୍ପାଦକ ହରିହର ବେହେରା, କାର୍ଯ୍ୟକାରୀ ସମ୍ପାଦକ ଶ୍ରୀଧର ମିଶ୍ର ଓ କେ.ଭି. ପ୍ରସାଦ, କୋଷାଧ୍ୟକ୍ଷ ଶୁଭେନ୍ଦୁ ବେହେରା, ଉପସଭାପତି ଭାବେ ଫକୀର ମିଶ୍ର ମନୋନୀତ ହୋଇଛନ୍ତି। ସୂଚନା ଅଧିକାରୀ ଭାବେ ପରେଶ ନାୟକ, ବିମଳ ମିଶ୍ର, ରମେଶ ପାଗଳ, ଆଇନ ପରାମର୍ଶଦାତା ପବନ ଶର୍ମା ଏବଂ ଉପଦେଷ୍ଟା ଭାବେ ଶ୍ରୀବତ୍ସ ଉପାଧ୍ୟାୟ, ରାଜେଶ ନାୟକ ଓ ଶ୍ରୀଧର ରାଉତଙ୍କୁ ଚୟନ କରାଯାଇଛି। ଆସନ୍ତା ୨୭ ଓ ୨୮ ତାରିଖରେ ଖେଳାଳି ଚୟନ କରାଯିବ ବୋଲି ସୂଚନା ଦିଆଯାଇଛି।

# କଂଗ୍ରେସ କର୍ମୀ ସମ୍ମିଳନୀ

**ବନ୍ତ,୨୨।୧୦(ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡ଼ା ଜୋନ୍ ଯୁବ କଂଗ୍ରେସ ପକ୍ଷରୁ ସ୍ଥାନୀୟ ହେମପଦ୍ମା ଗାଲାକ୍ସି ପରିସରରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଣିଜୋ ପଞ୍ଚାୟତର ସରପଞ୍ଚ ଜଗବନ୍ଧୁ ବେହେରା ସଭାପତିତ୍ୱ କରିଥିଲେ। ସମସ୍ତ ପଞ୍ଚାୟତରୁ ଆସିଥିବା ଯୁବନେତା ନିଜ ପଞ୍ଚାୟତରେ ଦଳର ସ୍ଥିତି ସମୀକ୍ଷା କରିବା ସହିତ ଦଳକୁ ମଜ୍ଭୁତ କରିବା ପାଇଁ ଯୁବ କର୍ମୀମାନେ ସଙ୍ଗଠିତ ହୋଇ କାମ କରିବା ଆବଶ୍ୟକ ବୋଲି କହିଥିଲେ। ଜୋନ୍‌ର ୯ ପଞ୍ଚାୟତରୁ ଶତାଧିକ ଯୁବକର୍ମୀ ଯୋଗଦେଇଥିଲେ। ଏହି ଅବସରରେ କେତେକ ଯୁବକ ଦଳରେ ସାମିଲ ହୋଇଥିଲେ।

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୪

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ଏତଦ୍ଦ୍ୱାରା ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ତାଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଅବଗତ କରାଗଲା।

| ବଡ଼ମ୍ବା ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମଥୁରା ସାହୁ,** ପିତା: କୃଷ୍ଣ ସାହୁ, ସା: ସୁନାପାଳ, ପୋ: ବଡ଼ମ୍ବା, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୧୧୪୫୨୨୫୬୦୦୪** | **ମଥୁରା ସାହୁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସୁନାପାଳ, ଖାତା ନଂ.: ୪୬୬/୨୨୫, ପ୍ଲଟ୍ ନଂ.: ୮୩୮, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୩୦.୦୪.୨୦୧୬ | ୧୮.୦୯.୨୦୧୮ ସୁଦ୍ଧା ଟ.୧,୯୯,୧୨୧/- |
| **ଋଣଗ୍ରହୀତା: ବସନ୍ତ କୁମାର ମିଶ୍ର,** ପିତା: କୁଳମଣୀ ମିଶ୍ର, ସା: କେନ୍ଦୁପଲ୍ଲି, ପୋ: ନୁଖାପଡା, ନରସିଂହପୁର, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୧୧୪୫୨୨୫୬୧୪୦** | **ବସନ୍ତ କୁମାର ମିଶ୍ର**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଠେଙ୍ଗାପଲ୍ଲି, ଖାତା ନଂ.: ୮୭/୫୪, ପ୍ଲଟ୍ ନଂ.: ୩୧୭, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୨୯.୧୨.୨୦୧୪ | ୧୮.୦୯.୨୦୧୮ ସୁଦ୍ଧା ଟ.୩,୫୮,୩୯୦/- |
| **ଋଣଗ୍ରହୀତା: ଜଗବନ୍ଧୁ ରାଉତ,** ପିତା: ଆନନ୍ଦ ରାଉତ, ସା/ପୋ: ବାଙ୍ଗରସିଂହା, ବଡ଼ମ୍ବା, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୧୧୪୫୨୨୫୬୨୩୧** | **ଜଗବନ୍ଧୁ ରାଉତ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ବାଙ୍ଗରସିଂହା, ଖାତା ନଂ.: ୮୮୨/୧୫୮, ପ୍ଲଟ୍ ନଂ.: ୨୮୬୬/୭୬୨୨, କ୍ଷେତ୍ର: ଏକର୦.୦୨୦ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୧୦.୧୧.୨୦୧୫ | ୧୮.୦୯.୨୦୧୮ ସୁଦ୍ଧା ଟ.୨,୩୫,୫୨୬/- |
| **ଋଣଗ୍ରହୀତା: ନିବାସ ବେହେରା,** ପିତା: ଅନ୍ତର୍ଯ୍ୟାମୀ ବେହେରା, ସା: ବାଙ୍ଗରସିଂହା, ବଡ଼ମ୍ବା, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୩୦୩୫୨୧୭୮୦୭୦** | **ନିବାସ ବେହେରା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ବାଙ୍ଗରସିଂହା, ଖାତା ନଂ.: ୧୪୬, ପ୍ଲଟ୍ ନଂ.: ୬୧୦୩, କ୍ଷେତ୍ର: ଏକର୦.୦୨ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୧୦.୧୧.୨୦୧୫ | ୧୮.୦୯.୨୦୧୮ ସୁଦ୍ଧା ଟ.୫,୦୮,୨୭୧/- |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତାମାନଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍ଦ୍ୱାରା ଋଣଗ୍ରହୀତାମାନଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୨୨.୧୦.୨୦୧୮
ସ୍ଥାନ : କଟକ

କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

**ବାଲେଶ୍ୱର ଅଫିସ୍, ୨୨।୧୦:** ବାଲେଶ୍ୱର ଜିଲା ରେମୁଣା ବ୍ଲକ ନିଜାମପୁର ପଞ୍ଚାୟତର ଗୋବିନ୍ଦପୁର ମହାବୀର ମନ୍ଦିର କମିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ୟୁଜିଏମ୍ଇ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବାଲେଶ୍ୱର ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ କମିଟିର ଏଭଳି ମହତ କାମକୁ ପ୍ରଶଂସା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଯୁବ ବ୍ୟବସାୟୀ ମନୋରଞ୍ଜନ ପଢ଼ିଆରୀ, ଶତ୍ରୁଘ୍ନ ଚନ୍ଦ, ହରିହର ପ୍ରଧାନ, ଶ୍ରୀକୃଷ୍ଣ ଭୋଇ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାଲେଶ୍ୱର ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ରକ୍ତ ସଂଗୃହୀତ ହୋଇଥିଲା। କମିଟି ସଦସ୍ୟ ଅମ୍ରିତ ଚନ୍ଦନ ଚଣ୍ଡ, ଜୟନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ଭୋଇ, ମୁନା ଭୋଇ, କୈଳାସ ଚନ୍ଦ୍ର ବେହେରା ଓ ଦିବ୍ୟଜ୍ୟୋତି ପରିଚାଳନାରେ ସହଯୋଗ କରିଥିଲେ।

### ମଧୁପୁରା ପୂଜା କମିଟି ପକ୍ଷରୁ ରାବଣ ପୋଡ଼ି

**ବାଲିଆପାଳ, ୨୨।୧୦(ଡି.ଏନ.ଏ.):** ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ସିମୁଳିଆ ମାର୍କେଟ ପୂଜା କମିଟି ପକ୍ଷରୁ ଶୁକ୍ରବାର ରାବଣପୋଡି ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଏମ୍‌ପି ଇଂ ରବୀନ୍ଦ୍ର କୁମାର ଜେନା ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ। ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବିଜେଡି ନେତା ବଳରାମ ସାହୁ, ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ଅଣ୍ଡିଆ, ସୁଶାନ୍ତ ଗିରି, ମନ୍ମଥ ବାରିକ, ସରପଞ୍ଚ ଦୋଳଗୋବିନ୍ଦ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଚିତ୍ତାକର୍ଷକ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ୧୫୦ ପରିବାରଙ୍କୁ ଚାରା ବଣ୍ଟନ



**ରୂପ୍‌ସା,୨୨।୧୦(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତରେ ୧୫୦ଜଣ ପରିବାରଙ୍କୁ ଚାରା ବଣ୍ଟନ କରାଯାଇଛି। ପରିବେଶବିତ୍ ରାଜେନ୍ଦ୍ର ସିଂହ ଓ ପତ୍ନୀ ୱାର୍ଡ଼ସଭ୍ୟା ପ୍ରତିମା ସିଂହ ସବୁଜ ପରିବେଶ ଗଠନ ପାଇଁ ନିଜସ୍ୱ ପାଣ୍ଠିରୁ ଶାଗୁଆନ ଓ ମେହେଗାନି ଚାରା ଗ୍ରାମବାସୀଙ୍କୁ ବଣ୍ଟନ କରିଛନ୍ତି। ଏ ନେଇ ଗାଁରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଚାରାରୋପଣ ମାଧମରେ 'ସୁସ୍ଥ ପରିବେଶ, ଜୀବନ ସରସ' ସମ୍ଭବ ବୋଲି ଉପସ୍ଥିତ ମହିଳା, ପୁରୁଷଙ୍କୁ ସଚେତନ କରାଯାଇଥିଲା। ପରିବେଶ ସନ୍ତୁଳନ ରକ୍ଷା ଦିଗରେ ଆଗାମୀ ଦିନରେ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମରେ ମୂଲ୍ୟବାନ ଚାରାରୋପଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ୱାର୍ଡ଼ସଭ୍ୟା ସିଂହ ପ୍ରକାଶ କରିଥିଲେ।

### ବାସଗୃହ ପୋଡ଼ିଗଲା

**ଖଇରା, ୨୨।୧୦(ଡି.ଏନ.ଏ.):** ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଶାଳବଣି ଗ୍ରାମରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ରମ୍ଭାମଣି ନାୟକଙ୍କର ବାସଗୃହ ପୋଡିଯାଇଛି। ଏଥିରେ ୨୦ହଜାର ଟଙ୍କାର ସମ୍ପତ୍ତି ପୋଡି ଛାରଖାର ହୋଇଯାଇଛି। ଖଇରା ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ମହିଳା ରାଜମିସ୍ତ୍ରି ବୁଦ୍ଧି



ଘର ନିର୍ମାଣରେ ବ୍ୟସ୍ତ ବୁଦ୍ଧି ।

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୨୨।୧୦**

**ଅନ୍ୟମାନଙ୍କ ପାଇଁ ପାଲଟିଛନ୍ତି ଉଦାହରଣ**

ମହିଳାମାନେ ଯେ ରାଜମିସ୍ତ୍ରି ଭଳି କାମ କରି ନିର୍ମାଣ କାର୍ଯ୍ୟରେ ଦକ୍ଷତା ପ୍ରଦର୍ଶନ କରିପାରିବେ ଏକଥା ପ୍ରମାଣିତ କରି ଦେଖାଇଛନ୍ତି ବୁଦ୍ଧି ଗିରି। ପରିବାର ଚଳାଇବାକୁ ଆଗଭର ହୋଇ ତାଙ୍କ ସ୍ୱାମୀଙ୍କ ସହ ମିଶି ରାଜମିସ୍ତ୍ରି କାମ ଆରମ୍ଭ କରିଥିଲେ। ସ୍ୱାମୀ ଭୀମ ଗିରି ପକ୍ଷାଘାତ ରୋଗରେ ପୀଡିତ ହେବା ପରେ ତାଙ୍କୁ ଚାରିଦିଗ ଅନ୍ଧକାର ଦିଶିଥିଲା। ମନୋବଳ ନ ହରାଇ ସେବେଠାରୁ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ପ୍ରତିଭା ଓ ଦକ୍ଷତା ଦେଖାଇ ଆସୁଛନ୍ତି। ଏଥିରୁ ଯାହା ରୋଜଗାର ହେଉଛି, ସେଥିରେ ରୋଗଣା ସ୍ୱାମୀଙ୍କ ସମେତ ୨ପୁଅ, ବୋହୂ ଓ ନାତିନାତୁଣୀଙ୍କୁ ମିଶାଇ ପରିବାରର ୧୧ଜଣ ସଦସ୍ୟଙ୍କ ଭରଣପୋଷଣ କରି ଆସୁଛନ୍ତି।

ବୁଦ୍ଧି ଗିରି କହନ୍ତି, ପ୍ରତିଦିନର ସକାଳ ତାଙ୍କ ପାଇଁ କର୍ମର ଆହ୍ୱାନ ନେଇ ଆସେ। ସିନ୍ଦୂରା ଫାଟିବା ଆଗରୁ ସେ ବିଛଣା ଛାଡନ୍ତି। ଦୀର୍ଘ ୧୦ବର୍ଷ ଧରି ବିଛଣାରେ ପଡିଥିବା ନିଜ ପକ୍ଷାଘାତ ସ୍ୱାମୀଙ୍କ କଥା ପ୍ରଥମେ ବୁଝନ୍ତି। ପରେ ପରିବାର ସଦସ୍ୟଙ୍କ ଦାୟିତ୍ୱ ବୁଝି ପୂର୍ବାହ୍ନ ୮ଟା ବେଳକୁ ହାତରେ କରଣିଧରି ସହଯୋଗୀ ଶ୍ରମିକଙ୍କ ସହ କାମକୁ ବାହାରି ପଡନ୍ତି। କିଛି ବର୍ଷ ମଧ୍ୟରେ ଅନେକ ଜାଗାରେ ସେ ବଡ ବଡ କୋଠା ନିର୍ମାଣ କରି ଛିଡା କରାଇଛନ୍ତି। ସାରା ଦିନ ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ରହି ଅପରାହ୍ନ ୫ଟା କିମ୍ବା ୬ଟା ବେଳେ ସେ ଘରକୁ ଫେରନ୍ତି। କର୍ମକ୍ଳାନ୍ତି ସତ୍ତ୍ୱେ ନାତିନାତୁଣୀଙ୍କ ସହ ମଜା କରି ସ୍ୱାମୀଙ୍କ ଔଷଧ ଖାଇବା ବିଷୟ ବୁଝି ରାତିରେ ବିଶ୍ରାମ ନିଅନ୍ତି। ଏମିତି ସଂଘର୍ଷମୟ ଜୀବନ ଭିତରେ ୩୦ବର୍ଷ ଅତିକ୍ରମ କରିସାରିଲେଣି ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀ ଗ୍ରାମର ମହିଳା ରାଜମିସ୍ତ୍ରି ବୁଦ୍ଧି ଗିରି।

ସେ କହନ୍ତି, ତାଙ୍କୁ ଯେତେବେଳେ ୧୫ବର୍ଷ ହୋଇଥିଲା ମା' ବାପା ଭୀମଙ୍କ ସହ ତାଙ୍କର ବିବାହ କରାଇ ଦେଇଥିଲେ। ଯେଉଁ ସମୟରେ ଘରେ ନୂଆ ବୋହୂ ହୋଇ ବସିବା କଥା ସେତେବେଳେ ପରିବାର ଦାୟିତ୍ୱ ତୁଲାଇବା ଲାଗି ସେ ସ୍ୱାମୀଙ୍କ ସହ ମଜୁରି ଲାଗିବାକୁ ବାହାରି ଯାଇଥିଲେ। ଭଦ୍ରକର ଜଣାଶୁଣା ରାଜମିସ୍ତ୍ରି ଲୋକମାନ ଶେଖ୍‌ଙ୍କ ନିକଟରେ ପ୍ରଥମେ ଶ୍ରମିକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ସେତେବେଳେ ଦୈନିକ ମଜୁରି ଥିଲା ୧୫ଟଙ୍କା। ନିଷ୍ଠା ଓ ଆଗ୍ରହ ବଳରେ ସେ ପରେ ରାଜମିସ୍ତ୍ରି କାମ ଶିଖି ଆଗକୁ ବଢିଥିଲେ। ହାତରେ କରଣି ଧରି ମରାମତି କାର୍ଯ୍ୟ କରୁ କରୁ ଏଥିରେ ସିଦ୍ଧହସ୍ତ ହୋଇଯାଇଥିଲେ।

ପରେ ଠିକାରେ କାମ କରିବା ଆରମ୍ଭ କରି ଖଇରା, ଔପଦା, ଆଗରପଡା ଆଦି ଅଞ୍ଚଳରେ ସେ ବେଶ୍ ଚିହ୍ନାମୁହଁ ପାଲଟି ଯାଇଛନ୍ତି। ତାଙ୍କ ସ୍ୱାମୀ ପକ୍ଷାଘାତରେ ପୀଡିତ ହେବା ପରେ ତାଙ୍କୁ ଘରର ପୂରା ବୋଝ ମୁଣ୍ଡାଇବାକୁ ପଡିଛି। ରୋଗଣା ସ୍ୱାମୀଙ୍କ ଔଷଧ ଖର୍ଚ୍ଚ ବାବଦକୁ ପ୍ରତି ମାସ ୭ରୁ ୮ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଭୀମଙ୍କୁ ଦିବ୍ୟାଙ୍ଗ ଭତ୍ତା ମିଳିଥିଲେ ବି ତାହା ସମୁଦ୍ରକୁ ଶଙ୍ଖେ। ଜୀବନ ଜିଇବାର ସଂଘର୍ଷ ଭିତରେ ବଞ୍ଚିବାର ଆନନ୍ଦ କିଛିଟା ଭିନ୍ନ ବୋଲି ସେ କହନ୍ତି। ନିର୍ମାଣ ଶ୍ରମିକଙ୍କ ପାଇଁ ସରକାର ଅନେକ କିଛି ଯୋଜନା କରିଛନ୍ତି। ସେ ବହୁବାର ଆବେଦନ କରିଥିଲେ ବି ଏଯାଏ ତାଙ୍କୁ ପରିଚୟ ପତ୍ରଟିଏ ବି ମିଳିପାରିନାହିଁ। ସରକାରୀ ବ୍ୟବସ୍ଥାରେ ଥିବା ତ୍ରୁଟି ଯୋଗୁ ଏଠାରେ ଯୋଜନା ବାଟବଣା ହୋଇପଡିଛି। ସେଥିଲାଗି ସାମାନ୍ୟ ଚିନ୍ତା ନ କରି ସେ ପ୍ରତିଦିନର ନୂଆ ସକାଳକୁ ଅପେକ୍ଷା କରିଥାନ୍ତି ବୋଲି କହିଛନ୍ତି।

# ଦେଶ ପାଇଁ ସମର୍ପିତ ଥିଲେ ପ୍ୟାରୀମୋହନ

**ବାଲେଶ୍ୱର ଅଫିସ, ୨୨।୧୦**

**ତିରୋଧାନ ଦିବସ ଆଜି**



ପ୍ୟାରୀମୋହନ ଦାସ।

ବାଲେଶ୍ୱର ଜିଲା ଭୋଗରାଇ ମାଟିର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସଙ୍କ ମଙ୍ଗଳବାର ୩୨ତମ ତିରୋଧାନ ଦିବସ। ସେ ବାଲେଶ୍ୱର ଜିଲାର ସାମନ୍ତ ଗ୍ରାମ 'ତଲାଡ଼ି'ରେ ୧୯୧୪ ଜୁନ୍ ୧୪ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ଆଦ୍ୟ ଜୀବନରୁ ସେ ଜଣେ ମେଧାବୀ ଛାତ୍ର ଥିଲେ। ଦେଶ ମାତୃକା ପ୍ରତି ସେ ସମର୍ପିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ବହୁବାର ଜେଲ୍ ଯାଇଥିଲେ। ୧୯୨୯ ମସିହାରେ କାନ୍ଥି ନିକଟସ୍ଥ ଏକ ସ୍ଥାନରେ ସରକାରୀ ଆଦେଶକୁ ଅବମାନନା କରି ଲବଣ ସତ୍ୟାଗ୍ରହରେ ଯୋଗଦେଲେ। ଜୀବନର ପ୍ରଥମ କାରାବରଣ ସେହିଠାରୁ ଆରମ୍ଭ ହୋଇଥିଲା। ମେଦିନୀପୁର ଜେଲ, ପଞ୍ଚେଟଗଡ଼ ନଜରବନ୍ଦୀ, ସାର୍ଥାଠାରେ ଲୁଣମାରି ପୋଲିସ ଦ୍ୱାରା ଦଣ୍ଡିତ ହୋଇ ସେ ସଶ୍ରମ କାରାଦଣ୍ଡ ଭୋଗିଥିଲେ ମଧ୍ୟ ସେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନ ଥିଲେ। ସେ ନେତାଜୀ ସୁଭାଷ ବୋଷ, ଡ. ହରେକୃଷ୍ଣ ମହତାବ, ନୀଳାମ୍ବର ଦାସ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଗୋପବନ୍ଧୁ ଚୌଧୁରୀ ଓ ନବକୃଷ୍ଣ ଚୌଧୁରୀଙ୍କ ସମେତ ମହାତ୍ମା ଗାନ୍ଧୀଙ୍କ ସହ କାମ କରିଥିବାର ସୌଭାଗ୍ୟପ୍ରାପ୍ତ ହୋଇଥିଲେ।

ପ୍ୟାରୀମୋହନ ଆଇନ ଅମାନ୍ୟ, ଅସହଯୋଗ ଆନ୍ଦୋଳନ, ବିଦେଶୀ ବସ୍ତ୍ର ପୋଡ଼ିବା ଏବଂ ବ୍ରିଟିଶ୍ ଗଭର୍ନରଙ୍କ କୁଶପୁତ୍ତଳିକା ଦାହ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହି ଆନ୍ଦୋଳନରେ ତାଙ୍କୁ ଅତି ନିର୍ମମ ଭାବେ ବେତମାଡ କରାଯାଇଥିଲା। ତାଙ୍କ ଦେହରେ ବେତ ମାଡ଼ ବସିବା ବେଳକୁ ସେ 'ବନ୍ଦେ ମାତରମ୍, ଇନ୍ କିଲାବ୍ ଜିନ୍ଦାବାଦ' ଧ୍ୱନି ଦେଇ ସ୍ଥାନୀୟ ଅଞ୍ଚଳକୁ ପ୍ରକମ୍ପିତ କରୁଥିଲେ। ଏହି ଘଟଣାରେ ପୋଲିସ ତାଙ୍କୁ ସୁଦୂର ପାଟନା ଜେଲକୁ ସ୍ଥାନାନ୍ତରିତ କରିଥିଲେ। ୧୯୩୩ ମସିହାରେ ଜେଲରୁ ଫେରି ଘରକୁ ନ ଯାଇ ବାଲେଶ୍ୱରର ବିଭିନ୍ନ ସଙ୍ଗଠନ ସହ 'ନିଶା ନିବାରଣ' ଓ 'ହରିଜନ ମୁକ୍ତି' ଆନ୍ଦୋଳନରେ ସାମିଲ ହୋଇଥିଲେ। ଦେଶ ସ୍ୱାଧୀନ ହେବା ପରେ ୧୯୪୮ ମସିହାରେ ସମାଜବାଦୀ ପାର୍ଟି ଗଠିତ ହୋଇଥିଲା। ପରବର୍ତ୍ତୀ କାଳରେ ଏହା ହେଲା ପ୍ରଜା ସୋସାଲିଷ୍ଟ ପାର୍ଟି। ଏହାର ପ୍ରତିଷ୍ଠାତା ସଦସ୍ୟ ଥିଲେ ପ୍ୟାରୀମୋହନ। ୧୯୪୯ ମସିହାରେ ସେ ତିର୍ତ୍ତୋଲ ଗ୍ରାମର ଚୌଧୁରୀ ଶିବ ପ୍ରସାଦ ପରିଜାଙ୍କ ଦ୍ୱିତୀୟ କନ୍ୟା ନିର୍ମଳାଙ୍କୁ ବିବାହ କରିଥିଲେ। ୧୯୫୨ ଏବଂ ୧୯୫୭ ମସିହାରେ ପ୍ରଜା ସୋସାଲିଷ୍ଟ ପାର୍ଟି ପକ୍ଷରୁ ଭୋଗରାଇ ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିଫଳ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୧୯୬୧ରୁ ୧୯୭୧ ନିର୍ବାଚନରେ ବିଜୟୀ ହୋଇ ୧୧ ବର୍ଷ ଧରି ବିଧାୟକ ଭାବେ ଭୋଗରାଇର ପ୍ରତିନିଧିତ୍ୱ କରିଥିଲେ। ବିଧାୟକ ଭାବେ ବିଧାନସଭାରେ ତାଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା। ବିଜୁ ବାବୁଙ୍କ ଭାଷାରେ ସେ ଥିଲେ 'ଟାଇଗର ଅଫ୍ ଆସେମ୍ବ୍ଲି'। ଭୋଗରାଇ ତଥା ଉତ୍ତର ବାଲେଶ୍ୱର ସୁବର୍ଣ୍ଣରେଖାର ବନ୍ୟାଜନିତ ଦୁର୍ଘଟଣା ହେଉ କିମ୍ବା ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ଆନ୍ଦୋଳନର ସେ ମୁଖ୍ୟ ପୁରୋଧା ଥିଲେ। ୧୯୮୭ ମସିହା ଅକ୍ଟୋବର ୨୩ ତାରିଖରେ ତାଙ୍କର ପରଲୋକ ହୋଇଯାଇଥିଲା। ପ୍ୟାରୀମୋହନଙ୍କ ଭଳି ଜଣେ ତ୍ୟାଗନିଷ୍ଠ, ଦୁଃସାହସିକ ସଂଗ୍ରାମୀ, ଜନନେତା ଆଜି ଦୁର୍ଲଭ। ତାଙ୍କ ବ୍ୟକ୍ତିତ୍ୱର ପରାକାଷ୍ଠା ଆଜିର ଉତ୍ତରପିଢ଼ି ପ୍ରେରଣା ଦେଉ ବୋଲି ୩୨ତମ ତିରୋଧାନ ଦିବସରେ ପ୍ୟାରୀମୋହନ ସ୍ମୃତି କମିଟି ପକ୍ଷରୁ କାମନା କରାଯାଇଛି।

# ଖଣିରେ ମେଶିନ ବ୍ୟବହାର, ବଢୁଛି ଶ୍ରମିକ ସମସ୍ୟା

## ଜିଲାପାଳଙ୍କୁ ଅଭିଯୋଗ କଲେ ପୂର୍ବତନ ଜିଲାପରିଷଦ ସଭ୍ୟ

**ଖଇରା, ୨୨।୧୦(ଡି.ଏନ.ଏ.)**

ଖଇରା ତହସିଲ କୁପାରୀ ରାଜସ୍ୱ କ୍ଷେତ୍ର ଅଧୀନ ଶାରୀଶୁଆ ପାହାଡରେ ୯୭ ଖଣି ଖନନ ପାଇଁ ତହସିଲ ପକ୍ଷରୁ ନିଲାମ ଦିଆଯାଇଛି। ଖଣି ମାଲିକମାନେ ଖଣିରୁ ପଥର ଉତ୍ତୋଳନ ପାଇଁ ୱାଗନ ଭଳି ବଡ ବଡ ମେଶିନ ବ୍ୟବହାର କରୁଛନ୍ତି। ଆଉ ପୂର୍ବଭଳି ଶ୍ରମିକମାନଙ୍କୁ ଏଥିରେ ନିୟୋଜିତ କରାଯାଉନାହିଁ। ଫଳରେ ପାହାଡ ତଳି ଅଞ୍ଚଳରେ ଥିବା ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତ କୁପାରୀ, ଗଡପୋଖରୀ, କଇଥଗଡିଆ, ବାଉଁଶଗଡିଆ ଓ ରଟିଶାରେ ଶ୍ରମିକମାନେ ହାତ ବାନ୍ଧି ବସି ରହୁଛନ୍ତି। ସେମାନଙ୍କ ପରବାରରେ ଆର୍ଥିକ ଅନଟନ ବୃଦ୍ଧି ପାଉଛି। ତୁରନ୍ତ ଏହି ମେଶିନଗୁଡିକୁ ନିଷିଦ୍ଧ କରିବାକୁ ଖଇରା ବ୍ଲକ ୩ ନଂ. ଜୋନର ଜିଲା ପରିଷଦ ସଦସ୍ୟ ତଥା ଭାଜପା ନେତା ଗଜେନ୍ଦ୍ର ପ୍ରସାଦ ଦାସ ଜିଲାପାଳ ରମେଶ କୁମାର ରାଉତଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୋମବାର ଖଇରା ବ୍ଲକ ପରିସରରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଦାସ ଏହି ବିଷୟରେ ଜଣାଇଥିଲେ। ପରେ ଜିଲାପାଳ ମେଶିନ ବନ୍ଦ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ପୂର୍ବତନ ଜିଲାପରିଷଦ ସଭ୍ୟ ଗଜେନ୍ଦ୍ର ଦାସ ଅଭିଯୋଗ ଜଣାଉଛନ୍ତି।

### ସରସ୍ୱତିଆରେ ରାବଣ ପୋଡ଼ି

**ବାହାନଗା, ୨୨।୧୦(ଡି.ଏନ.ଏ.)**

ରବିବାର ରାତିରେ ବାହାନଗା ବ୍ଲକ ପଣପଣା ପଞ୍ଚାୟତର ସରସ୍ୱତିଆ ଗ୍ରାମରେ ଥିବା ଡି.ଏନ. ଉଚ୍ଚ ବିଦ୍ୟାଳୟ ପଡିଆରେ ରାବଣ ପୋଡି ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ରୟାଲ କିଙ୍ଗ୍‌ବଏଜ୍ ଗ୍ରୁପ୍ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ଏହାକୁ ସରପଞ୍ଚ ସୁନୀତା ଦାଶଙ୍କ ସମେତ ସଭାପତି ଲକ୍ଷ୍ମୀଧର ନାୟକ ଓ ସମ୍ପାଦକ ଅରଣ୍ୟ ପ୍ରଧାନ ପ୍ରମୁଖଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ପରେ ବିଭିନ୍ନ ଆଲୋକମାଳା ଓ ରଙ୍ଗବେରଙ୍ଗ ଆତସବାଜି ଦ୍ୱାରା ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ରୟାଲ କିଙ୍ଗ ବଏଜ ଗ୍ରୁପ୍‌ର ସଦସ୍ୟ ବ୍ୟାସଦେବ ନାୟକ, ପ୍ରଦୀପ ସାହୁ, ଧର୍ମେନ୍ଦ୍ର ମହାପାତ୍ର, ରୁଦ୍ର କୁମାର ନାୟକ, ଜିତେନ୍ଦ୍ର ଦାଶ, ଯଦୁନାଥ ସାମଲ ପ୍ରମୁଖ ସଦସ୍ୟମାନେ ସହଯୋଗ କରିଥିଲେ।

# 'ଲୋକଙ୍କୁ ବୋକା ବନାଉଛନ୍ତି ରାଜ୍ୟ ସରକାର'

**ବସ୍ତା, ୨୨।୧୦(ସ୍ୱ.ପ୍ର.)**

**ଭାଜପା ଜିଲା କାର୍ଯ୍ୟକାରିଣୀ**

ବାଲେଶ୍ୱର ଜିଲା ରେମୁଣାରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ଆଳରେ ଚାଷୀଙ୍କଠାରୁ ଶହ ଶହ ଏକର ଜମି ହାତେଇ ନିଆଯାଉଛି। ଚାଷୀମାନେ ଠକେଇର ଶିକାର ହେବା ସହ ନିଯୁକ୍ତି ଆଶାରେ ଥିବା ଶହ ଶହ ବେକାର ଯୁବକ ପ୍ରତାରିତ ହେଉଛନ୍ତି ବୋଲି ସୋମବାର ବସ୍ତାରେ ଅନୁଷ୍ଠିତ ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକରେ ଜିଲା ଭାଜପା ଅଭିଯୋଗ କରିଛି। ଜିଲା ସଭାପତି ମଦନମୋହନ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପସଭାପତି ତଥା ମୁଖପାତ୍ର ସମୀର ମହାନ୍ତି ଯୋଗଦେଇ ବିଜେଡ଼ି ସରକାର ୧୮ବର୍ଷର ଶାସନ ମଧ୍ୟରେ ସାଧାରଣ ଲୋକଙ୍କୁ ଯୋଜନା ଉପରେ ଯୋଜନା ପ୍ରସ୍ତୁତ କରି ସେହି ଯୋଜନାକୁ ଅଧାପନ୍ତରିଆ କରି ଲୋକଙ୍କୁ ବୋକା ବନାଇଛନ୍ତି। ୨୦୧୯ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଁ ହିରୋ ମୁଁ ଓଡ଼ିଶା, ବିଜୁ ଯୁବବାହିନୀ ଓ ଆମ ଗାଁ ଆମ ବିକାଶ ଯୋଜନା କରି ଜନସାଧାରଣ ଅର୍ଥକୁ ସ୍ୱଷ୍ଟ ଦିବାଲୋକରେ ତାଙ୍କ ଦଳୀୟ କର୍ମୀଙ୍କୁ ଖୁସି କରିବାରେ ଲାଗି ପଡ଼ିଛନ୍ତି।

ବୈଠକରେ ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରୁ ୨ଶହରୁ ଉର୍ଦ୍ଧ୍ୱ ନେତୃବୃନ୍ଦ ଯୋଗ ଦେଇଥିବାରୁ ସ୍ଥାନୀୟ ଭାଜପା ନେତା ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଶ୍ୟାମାପ୍ରସାଦ ବେହେରା କୃତଜ୍ଞତା ଜଣାଇଥିଲେ। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆସନ୍ତା ୨ମାସ ପାଇଁ ଦଳର ଜିଲା ପାଇଁ ସାଙ୍ଗଠନିକ ଖସଡ଼ା ଉପରେ ଗୁରୁତ୍ୱାରୋପ କରିଥିଲେ। ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି, ନାରୀନେତ୍ରୀ ସୁଷମା ବିଶ୍ୱାଳ, ଜିଲା ସାଧାରଣ ସମ୍ପାଦକ ମିହିର ପାଣି, ଅଜୟ ସାହୁ, ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ବସ୍ତା ପ୍ରଭାରୀ ଯାଦବେଶ ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବରିଷ୍ଠ ନେତୃମଣ୍ଡଳୀ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପରେଶ ନାୟକ, ଜିଲା ଉପସଭାପତି ଅରୁଣ ବେଜ, ହରିଜନ ମୋର୍ଚ୍ଚା ରାଜ୍ୟ ଉପସଭାପତି ରାକେଶ ମଲ୍ଲିକ, ଚିତ୍ତରଞ୍ଜନ ପଣ୍ଡା, କମଳା ବିନ୍ଧାଣୀ, ସତ୍ୟଜିତ ମିଶ୍ର, ଗୌରାଙ୍ଗ ଦାସ, ସୁବଳଚନ୍ଦ୍ର ଦାସ, ସିପ୍ରା ବାଜପେୟୀ, ସୂର୍ଯ୍ୟନାରାୟଣ ସାହୁ, ଦେବାଶିଷ ମହାପାତ୍ର, ଶାରଦା ଗିରି, ସୁଶାନ୍ତ ପ୍ରଧାନଙ୍କ ସମେତ ଅନ୍ୟ ନେତୃବୃନ୍ଦ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକାରିଣୀ ବୈଠକରେ ଭାଜପା ନେତୃବର୍ଗ।

# ଶିକ୍ଷା ସଚେତନତା କର୍ମଶାଳା

**ବାହାନଗା, ୨୨।୧୦(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଶିକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କିଟ୍ ଏବଂ କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ 'ଏଜୁକେଶନ ଫର୍ ଅଲ୍'କାର୍ଯ୍ୟକ୍ରମ ବା ଶିକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ବିଦ୍ୟାଧର ରଥ ଯୋଗଦେଇ ଶିକ୍ଷା ହେଲା ମଣିଷ ଜୀବନର ଏକ ମାନଦଣ୍ଡ ବୋଲି କହିଥିଲେ। ଏଥିରେ ଦୁର୍ଗା ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ସମିତିସଭ୍ୟା ତୁଷାରକାନ୍ତି ମହାପାତ୍ର, ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ବିଶ୍ୱନାଥ ମିଶ୍ର, ଗୋପାଳପୁର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର, ଔପଦା ଶିକ୍ଷାଧିକାରୀ ଧରଣୀଧର ପାତ୍ର ପ୍ରମୁଖ ଯୋଗଦେଇ ଶିକ୍ଷା ବିନା ମଣିଷ କେବେ ବି ଉନ୍ନତି କରିପାରିବ ନାହିଁ। ଶିକ୍ଷା ବିନା ମଣିଷର ମୂଲ୍ୟ କିଛି ନାହିଁ। ମଣିଷ ଶିକ୍ଷିତ ନ ହେଲେ ଭାରତ ବର୍ଷର ଉନ୍ନତି ହେବ ନାହିଁ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ଅଜୟ କୁମାର ମହାପାତ୍ର ଓ ଡ. ତ୍ରୈଲୋକ୍ୟ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଆସନ୍ତା ମାସରେ ହେବାକୁ ଥିବା କୁଇଜ୍ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ। ଶିକ୍ଷା କିପରି ଲୋକାଭିମୁଖୀ ହୋଇପାରିବ ଓ ସମସ୍ତେ ପାଠ ପଢିବେ ସେ ବିଷୟରେ ଆଲୋଚନା କରାଯାଇଥିଲା।




କର୍ମଶାଳାରେ ଉପସ୍ଥିତ ଅତିଥି।

### ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ବାଲିଆପାଳ, ୨୨।୧୦(ଡି.ଏନ.ଏ.):** ଗ୍ରାମାଞ୍ଚଳର ଯୁବତୀ ଯୁବକଙ୍କ ମଧ୍ୟରେ ଅନେକ ଲୁକ୍କାୟିତ ପ୍ରତିଭା ରହିଛି। ସେମାନଙ୍କ ପ୍ରତିଭାର ବିକାଶ କରିବା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ। ଏହାକୁ ସାକାର କରିବା 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ବାଲିଆପାଳ ବ୍ଲକର ଅସ୍ତି, ପଞ୍ଚୁପାଲି ଓ ପ୍ରତାପପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଅସ୍ତିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଶାନ୍ତନୁ ଭଦ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲିଆପାଳ ବିଡିଓ ମିନତି ଜଗଦେବ, ମୁଖ୍ୟବକ୍ତା ଭାବେ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ଯୋଗ ଦେଇଥିଲେ। ପଞ୍ଚୁପାଲିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ କୋଅର୍ଡିନେଟର ଶୁଭଲକ୍ଷ୍ମୀ ମହାକୁଡ଼ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ବ୍ଲକ ବିଜେଡି ସଭାପତି ଚକ୍ରଧର ଗିରି, ଜିଲାପରିଷଦ ସଦସ୍ୟା ଅନୁପମା ସାହୁ, ସରପଞ୍ଚ ନିର୍ମଳା ଗିରି, ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। ସେହିପରି ପ୍ରତାପପୁରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅଜୟ ପାତ୍ର ସଭାପତିତ୍ୱ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବାଲେଶ୍ୱର ଅଫିସ, ୨୨।୧୦**

ବାଲେଶ୍ୱର ବିଜୁ ଜନତା ଦଳ ପକ୍ଷରୁ ସୋମବାର ଅପରାହ୍ନରେ ଜିଲା ମିଡ଼ିଆ ସଂଯୋଜକ ତଥା ଯୁବନେତା ରଘୁନାଥ ଲେଙ୍କାଙ୍କ ନେତୃତ୍ୱରେ ଏକ ଜନସମ୍ପର୍କ ପଦଯାତ୍ରା ମ୍ୟୁନିସିପାଲିଟି ସମ୍ମୁଖରୁ ବାହାରି ଟାଉନ ଥାନା ପର୍ଯ୍ୟନ୍ତ ଯାଇଥିଲା। କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଏବଂ ତେଲ, ରନ୍ଧନଗ୍ୟାସ୍, ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ୍ ବୃଦ୍ଧି ନେଇ ସାଧାରଣ ଲୋକଙ୍କୁ ଅବଗତ କରାଇବା ଏହାର ଲକ୍ଷ୍ୟ। କାର୍ଯ୍ୟକ୍ରମରେ ବିଶ୍ୱନାଥ ଚକ୍ରବର୍ତ୍ତୀ, ପରମାନନ୍ଦ ପଣ୍ଡା, ଇକବାଲ୍ ଖାଁ, ଅବଦୁଲ ଖାଁ, ପ୍ରଶାନ୍ତ ବାରିକ, ପ୍ରିୟଦର୍ଶନ କବି, ଯଦୁନାଥ ସେଠୀ, ସେକ୍ ସରଫୁ, ସେକ୍ ରାଜୁ, ଲାଲମୋହନ ଜେନା, ଚନ୍ଦନ ଦାସ, ସୁଜୁଦ ଆଲାମ୍ ଓ ମଣ୍ଟୁ ଦାସ ପ୍ରମୁଖ ଭାଗ ନେଇଥିଲେ।



ଜନସମ୍ପର୍କ ପଦଯାତ୍ରାରେ ସାମିଲ ନେତା ଓ କର୍ମୀ।

# ୧୬୦ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

**ଖଇରା, ୨୨।୧୦(ଡି.ଏନ.ଏ.)**

ସୋମବାର ଖଇରା ବ୍ଲକରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଓ ଏସ୍‌ପି ବି. ଯୁଗଳକିଶୋର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମିଳିତ ଭାବେ ୧୬୦ ଅଭିଯୋଗର ଶୁଣାଣି କରିଛନ୍ତି। ଗଡପୋଖରୀ ଗ୍ରାମର ସନ୍ଧ୍ୟାରାଣୀ ଜେନା ଗୁହାଳ ଘର ପାଇଁ ୬ ମାସ ପୂର୍ବରୁ ଜିଲାପାଳ ଅନୁମୋଦନ କରିଥିଲେ ହେଁ ଏ ପର୍ଯ୍ୟନ୍ତ ତାଙ୍କୁ କାର୍ଯ୍ୟାଦେଶ ମିଳୁ ନ ଥିବାରୁ ସେ ପୁନଶ୍ଚ ଜିଲାପାଳଙ୍କୁ ଜଣାଇଥିଲେ। ଏଥିରେ ଜିଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ତତ୍‌କ୍ଷଣାତ କାର୍ଯ୍ୟାଦେଶ ଦେବାକୁ ବିଡିଓ ମହେଶ ଚୌଧୁରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଦୀର୍ଘଦିନ ଅସୁସ୍ଥ ଥିବା ପୂର୍ବତନ ଖବରଦାତା ମୁରଲୀଧର ଦାସ ସହାୟତା ପାଇଁ ଲିଖିତ ଭାବେ ଜଣାଇବା ପରେ ଜିଲାପାଳ ରେଡକ୍ରସରୁ ୧୦ହଜାର ଟଙ୍କା ମଞ୍ଜୁର କରାଇଥିଲେ। ଡଗରପଡାର ଜୟନ୍ତୀ ପାଣ୍ଡିଆ ସରକାରୀ ପକ୍କା ଗୃହ ପାଇଁ ଆବେଦନ କରିଥିଲେ। ହେଲେ ତାଙ୍କ ପରିବାରର ସମସ୍ତେ ମୃତ ଥିବା ଦର୍ଶାଇ ତାଙ୍କୁ ଘର ଦିଆଯାଉ ନ ଥିବା କଥା ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଗଡପୋଖରୀସ୍ଥିତ ପ୍ରକୃତି ବିଦ୍ୟାମନ୍ଦିର ଅନୁଷ୍ଠାନରେ ମୃତ୍ୟୁବରଣ କରିଥିବା ୪ର୍ଥ ଶ୍ରେଣୀ ଛାତ୍ର କ୍ରିଷ୍ଣା ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ସ୍କୁଲ ମାଲିକଙ୍କୁ ଗିରଫ ପାଇଁ ତାଙ୍କ ବାପା ରମେଶ ଦାସ ଓ ମା' ସସ୍ମିତା ଏସ୍‌ପିଙ୍କ ନିକଟରେ ଦାବି କରିଥିଲେ। ସୋମବାର ଭତ୍ତା ପାଇଁ ଆବେଦନ କରିବାକୁ ଆସିଥିବା ସମସ୍ତ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗଙ୍କୁ ସେହି ସଭାରେ ଅନୁମୋଦନ କରାଯିବା ସହ ଭତ୍ତା ଟଙ୍କା ପ୍ରଦାନ କରାଯାଇଥିଲା। ୩ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ଉପଜିଲାପାଳ ନିଲୁ ମହାପାତ୍ର, ସିଡିଏମ୍‌ଓ ଡା ବିବେକାନନ୍ଦ ଦାସ, ତହସିଲଦାର ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ଅଭୀଲିପ୍ସା ସାହୁ, ଉପାଧ୍ୟକ୍ଷ ଜୟନ୍ତ ରାଉତ, ସହକାରୀ ଯନ୍ତ୍ରୀ ବିଜୟଲକ୍ଷ୍ମୀ ଚୁଡୁ, ଆଇଆଇସି ଲୋପାମୁଦ୍ରା ନାୟକ, ସିଡିଭିଓ ନିତ୍ୟାନନ୍ଦ ଦାସ, ସିଏସଓ ରବିନାରାୟଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ରିଲିଫ୍ ପ୍ରଦାନରେ ପାତରଅନ୍ତର

## ବିଡିଓଙ୍କୁ ଭେଟିଲେ ବନ୍ୟା ବିପନ୍ନ

ତିହିଡ଼ି,୨୨।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତ ରାଢ଼ଙ୍ଗ ଓ ଗାଜିପୁର ଗ୍ରାମରେ ରିଲିଫ ବଣ୍ଟନରେ ପାତରଅନ୍ତର ହୋଇଥିବା ନେଇ ଅଭିଯୋଗ କରାଯାଇଛି। ଏନେଇ ଦୁଇ ଗ୍ରାମର ବନ୍ୟା ବିପନ୍ନ ସୋମବାର ବିଡିଓଙ୍କୁ ଭେଟିଛନ୍ତି। ବିପନ୍ନଙ୍କ ଅଭିଯୋଗ ଅନୁଯାୟୀ, ଗତ ବନ୍ୟା ପରେ ରାଢ଼ଙ୍ଗ ଓ ଗାଜିପୁର ଗ୍ରାମକୁ ୭ ଦିନ ପାଇଁ ରିଲିଫ୍ ଘୋଷଣା କରାଯାଇଥିଲା। ରିଲିଫ୍ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀ କେତେକ ବିପନ୍ନଙ୍କ ଆକାଉଣ୍ଟରେ ଅଧିକ ଟଙ୍କା ଜମା କରିଥିବାବେଳେ ଅନ୍ୟ କେତେକ ବିପନ୍ନଙ୍କୁ ଆଦୌ ଟଙ୍କା ଦେଇ ନ ଥିଲେ। ଘଟଣାର ତଦନ୍ତ କରାଯାଇ ରିଲିଫ୍‌ରୁ ବଞ୍ଚିତ ବିପନ୍ନଙ୍କ ପାଇଁ ତୁରନ୍ତ ରିଲିଫ୍ ବ୍ୟବସ୍ଥା କରାଯିବାକୁ ସେମାନେ ଦାବି ଜଣାଇଥିଲେ। ଦୁଇଦିନ ଭିତରେ ଯେଉଁ ବିପନ୍ନଙ୍କ ଆକାଉଣ୍ଟକୁ ଅଧିକ ଟଙ୍କା ଯାଇଛି ତାଙ୍କ ପାଖରୁ ଟଙ୍କା ଫେରସ୍ତ କରାଯିବା ସହ ରିଲିଫ୍‌ରୁ ବଞ୍ଚିତ ବିପନ୍ନଙ୍କ ଆକାଉଣ୍ଟରେ ଟଙ୍କା ଜମା କରାଯିବ ବୋଲି ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ


ବିଡିଓଙ୍କୁ ଭେଟିବାକୁ ଆସିଥିବା ବନ୍ୟା ବିପନ୍ନମାନେ।

ଦେଓ ପ୍ରତିଶ୍ରୁତି ଦେଇଥିଲେ। କ୍ଷେତ ମଜ୍‌ଦୁର ୟୁନିୟନର ଜିଲା ସମ୍ପାଦକ ଦାମୋଦର ସେନାପତି, ରଜନୀକାନ୍ତ ସେନାପତି, ଅମର ସେନାପତି, ପୀତାମ୍ବର ମୁଦୁଲି, ଅଶୋକ ମୁଦୁଲି, ଖଗେଶ୍ୱର ମିଶ୍ର, ଲିଲି ଦାସ, ରମେଶ ମିଶ୍ର, ଦାଶରଥୀ ପତି, ନୀଳାମ୍ବର ମୁଦୁଲି ପ୍ରମୁଖ ବିଡିଓଙ୍କୁ ଭେଟିଥିଲେ।

# ଜିଲା ଯୋଗାଣ ନିରୀକ୍ଷକଙ୍କୁ ଦୁର୍ବ୍ୟବହାର

ଭଦ୍ରକ ଅଫିସ,୨୨।୧୦

ଭଦ୍ରକ ଜିଲା ଯୋଗାଣ ନିଗମ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରତ ଯୋଗାଣ ନିରୀକ୍ଷକ ବାବୁଲାଲ ବାରିକଙ୍କୁ ସୋମବାର ଦୁର୍ବ୍ୟବହାର ସହ ଧମକ ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଯୋଗାଣ ନିରୀକ୍ଷକ ବାରିକ ଭଦ୍ରକ ବିଡିଓ ହରିଶ୍ଚନ୍ଦ୍ର ଜେନା ଓ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ଜଣାଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗୁଜିଦରଡାର କେତେଜଣ ଲୋକ କାର୍ଯ୍ୟାଳୟକୁ ଆସି ଧମକ ଦେବା ସହ ଡିଲର ନିଯୁକ୍ତି ଓ ଅଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଇବା ପାଇଁ ଦାବି କରିଥିଲେ। ଏହାକୁ ନେଇ ଜିଲା ଯୋଗାଣ କାର୍ଯ୍ୟାଳୟରେ ମଧ୍ୟାହ୍ନରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। କୌଣସି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଯୋଗାଣ ନିରୀକ୍ଷକ ବାରିକ ପ୍ରତିକ୍ରିୟାରେ କହିଛନ୍ତି।




# ଚାଷଜମିକୁ ଖସିପଡ଼ିଲା ବସ୍, ୩ ଆହତ


ଚାଷଜମିକୁ ଓଲଟି ପଡ଼ିଥିବା ବସ୍।

ଜଳେଶ୍ୱର, ୨୨।୧୦(ଡି.ଏନ.ଏ.)

ସୋମବାର ଭୋର ସମୟରେ ଭୁବନେଶ୍ୱରରୁ ରାଇବଣିଆ ଥାନା ଓଲମାରା ଗ୍ରାମକୁ ଆସୁଥିବା କ୍ଷୀରଚୋରା ନାମକ ଯାତ୍ରୀବାହୀ ବସ୍ (ନଂ.ଓଆର୍‌୦୧ପି-୨୩୮୨) କବାଟଘାଟି ଛକଠାରେ ଭାରସାମ୍ୟ ହରାଇ ଚାଷ ଜମିକୁ ଖସିପଡିଥିଲା। ଉକ୍ତ ବସ୍‌ରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୨ଜଣ ମହିଳା ଓ ଜଣେ ଯୁବକ ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଆହତମାନେ ହେଲେ ନୟାଗ୍ରାମ ଥାନା ଗୁହାଳଡିହା ଗ୍ରାମର ଶଙ୍କରୀ ଧୁଣକୀ(୪୫), ରାଇଗଡ଼ିଆ ଗ୍ରାମର ମାଣିକ ବେରା(୨୪) ଓ ରାଇବଣିଆ ଥାନା ଦରଖୋଳି ଗ୍ରାମର ସଞ୍ଜୁକ୍ତା ଦାସ (୩୭)। ଦୁର୍ଘଟଣା ନେଇ ଆହତ ସଞ୍ଜୁକ୍ତାଙ୍କ ସ୍ୱାମୀ ଦେବବ୍ରତ ଦାସ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୬୫/୨୦୧୮) ରୁଜୁ କରାଯାଇଛି। ଦୁର୍ଘଟଣାସ୍ଥଳକୁ ରାଇବଣିଆ ଥାନାଧିକାରୀ ରବୀନ୍ଦ୍ରନାଥ ବେହେରା, ଓଲମାରା ସରପଞ୍ଚ ଯତୀନ୍ଦ୍ରନାଥ ମହାନ୍ତି ଓ ଆଖପାଖ ଅଞ୍ଚଳର ଗ୍ରାମବାସୀ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ।

# ଅଭିଯୋଗ ଶୁଣାଣି କାର୍ଯ୍ୟକାରୀ ହେଉନି ଜିଲାପାଳଙ୍କ ନିର୍ଦ୍ଦେଶ

ନୀଳଗିରି, ୨୨।୧୦ (ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ବିଭିନ୍ନ ଯୋଜନାରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ହିତାଧିକାରୀମାନେ ବିଜୁ କୁଡ଼ିଆ, ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟ ଓ ରାଶନକାର୍ଡ ଆଦି ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାରୀ ଜମିକୁ ଜବରଦଖଲ କରାଯାଇ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଯାଉଛି। ଏ ସମ୍ପର୍କରେ ପଞ୍ଚାୟତର ଅବସରପ୍ରାପ୍ତ ସୈନିକ ତଥା ସ୍ୱେଚ୍ଛାସେବୀ ଉମାକାନ୍ତ ମଳିକଙ୍କ ନେତୃତ୍ୱରେ ଶତାଧିକ ଲୋକ ଗତ ସେପ୍ଟେମ୍ବର ୨୪ତାରିଖରେ ବ୍ଲକରେ ଅନୁଷ୍ଠିତ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜିଲା ଗ୍ରାମ ପଞ୍ଚାୟତ ଅଧିକାରୀ ଓ ନୀଳଗିରି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏ ତଦନ୍ତ ହୋଇ ନ ଥିବାରୁ ଅସନ୍ତୋଷ ଦେଖାଦେବା ସହ ସ୍ଥାନୀୟ ପ୍ରଶାସନ ଉପରୁ ଆସ୍ଥା ତୁଟିଯାଉଛି ବୋଲି ମଳିକ କହିଛନ୍ତି। ଏ ସମ୍ପର୍କରେ ଜିଲା ଗ୍ରାମ ପଞ୍ଚାୟତ ଅଧିକାରୀ ବଂଶୀଧର ସିଂଙ୍କୁ ପଚରାଯିବାରୁ ତଦନ୍ତ କରିବେ ବୋଲି କହିଛନ୍ତି। ସେହିପରି ତହସିଲଦାର ରାଜେନ୍ଦ୍ର କୁମାର ପଣ୍ଡା କହିଛନ୍ତି, ଜିଲାପାଳଙ୍କ ପକ୍ଷରୁ କୌଣସି ଚିଠି ପାଇନାହାନ୍ତି, ଏହି ଅଭିଯୋଗର ତଦନ୍ତ କରାଯିବ।


ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ଦାବି ନେଇ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଗ୍ରାମବାସୀ

### ସୌଭାଗ୍ୟ ଯୋଜନା ବାଟବଣା

# ବିଦ୍ୟୁତ୍ ସଂଯୋଗ ନ କରି ବିଲ୍ ଉଠାଣ ଅଭିଯୋଗ

ବାଲେଶ୍ୱର ଅଫିସ, ୨୨।୧୦

ବାଲେଶ୍ୱର ଜିଲା ରେମୁଣା ବ୍ଲକ କୁଲିଗାଁ ପଞ୍ଚାୟତ ରେହେଙ୍ଗା ଗ୍ରାମର ସୌଭାଗ୍ୟ ଯୋଜନାରେ ହିତାଧିକାରୀଙ୍କ ଘରେ ବିଦ୍ୟୁତ୍ ସଂଯୋଗ ନ କରି ଠିକାଦାର ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ଅଧିବାସୀ ସୋମବାର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଠାରେ ଅଭିଯୋଗ କରିଛନ୍ତି।

ଗ୍ରାମରେ ସୌଭାଗ୍ୟ ଯୋଜନାରେ ସର୍ଭେ କରାଯାଇ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବା ପରେ ଠିକାଦାରଙ୍କୁ ବିଲ୍ ମିଳିବା କଥା। ଠିକାଦାର ଏବଂ ବିଭାଗୀୟ ଅଧିକାରୀମାନେ କେବଳ ଖୁଣ୍ଟି ବସାଇ ଏବଂ କେତେକ ହିତାଧିକାରୀଙ୍କ ଘରେ ମିଟର ଲଗାଇ ସମସ୍ତ ଅର୍ଥ ଉଠାଇ ନେଇଥିବା ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ହେମନ୍ତ କୁମାର ମଲ୍ଲିକ, ଭକ୍ତହରି ମଳିକ, ଯଜ୍ଞେଶ୍ୱର ମଳିକ, ଶାନ୍ତିଲତା ମଳିକ, ଶତ୍ରୁଘ୍ନ ମଳିକ, ଉଷାମଣୀ ମଳିକ ପ୍ରମୁଖ ଏହି ଅଭିଯୋଗ ଆଣିଛନ୍ତି।

# ରାଶନକାର୍ଡରୁ ବଞ୍ଚିତ ଭିନ୍ନକ୍ଷମ ପରିବାର

## ବିଧାୟକଙ୍କ ତଦନ୍ତ ନିର୍ଦ୍ଦେଶ

ତିହିଡ଼ି, ୨୨।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ପାଳିଆବିନ୍ଧା ପଞ୍ଚାୟତ ପାଳିଆ ଗ୍ରାମର ଏକ ଭିନ୍ନକ୍ଷମ ପରିବାରକୁ ରାଶନକାର୍ଡ଼ରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ହିତାଧିକାରୀ ଜୟନ ବିବି ଏ ସମ୍ପର୍କରେ ଧାମନଗର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏହାର ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଜୟନ ବିବିଙ୍କ ପରିବାରକୁ ରାଶନ କାର୍ଡ଼ ମିଳିଥିଲା। ସେ ଗତମାସ ପର୍ଯ୍ୟନ୍ତ କାର୍ଡରେ ଚାଉଳ ପାଇଆସୁଥିଲେ। ଚଳିତମାସ ଚାଉଳ ଆଣିବାକୁ ଯିବାରୁ ତାଙ୍କ କାର୍ଡ଼ କଟି ଯାଇଥିବାରୁ ଚାଉଳ ମିଳିବ ନାହିଁ ବୋଲି କୁହାଯାଇଥିଲା। ଜୟନଙ୍କ ପରିବାର ଗରିବ ଶ୍ରେଣୀର। ମୂଲ ମଜୁରି ଲାଗି ପରିବାର ଚଳେ। ତାଙ୍କର ଶହେ ପ୍ରତିଶତ ଭିନ୍ନକ୍ଷମ ଏକ ଝିଅ ଥିବାବେଳେ ୨ ପୁଅ ଶ୍ରମିକ ଭାବେ କାମ କରନ୍ତି। ସେ ପାଇଥିବା ଏକ ଇନ୍ଦିରା ଆବାସ ଘରର ନିର୍ମାଣ କାର୍ଯ୍ୟ ଚାଲିଛି। ତାଙ୍କର କୋଠାଘର ଥିବା କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଅଭିଯୋଗ କରି ରାଶନ କାର୍ଡକୁ କାଟି ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବାକୁ ସେ ଦାବି ଜଣାଇଥିଲେ। ଏ ସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ପଚାରିବାରୁ ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ଭିନ୍ନକ୍ଷମ ଝିଅ ସହ ବାପା ମା'।




# ବିଦ୍ୟୁତ୍ ସଂସ୍ପର୍ଶରେ ଖବରକାଗଜ ବିତରକଙ୍କ ମୃତ୍ୟୁ

ସୋର, ୨୨।୧୦(ଡି.ଏନ.ଏ.): ଦୀର୍ଘ ୪୦ବର୍ଷ ଧରି ଖବରକାଗଜ ବିତରଣ କରିଆସୁଥିବା କମଳାକାନ୍ତ ରାଉତ (୫୮) ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। କମଳାକାନ୍ତ ସୋମବାର ମଧ୍ୟାହ୍ନ ୧୨ଟା ବେଳେ ତାଙ୍କ କୁକୁଡ଼ା ଫାର୍ମରେ କାମ କରୁଥିବା ବେଳେ ପୂର୍ବରୁ ଛିଡ଼ିପଡିଥିବା ତାରକୁ ମାଡି ପକାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡ଼ାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ଡ଼ାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କର ଏକମାତ୍ର ପୁଅ ଅଶ୍ୱିନୀ ରାଉତ ଏବେ ଖବରକାଗଜ ବିତରଣ କରୁଛନ୍ତି। ବାପ, ପୁଅ ଉଭୟ ଖବରକାଗଜ ବିତରଣ କରନ୍ତି। ସୋର ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି। ତାଙ୍କ ମୃତ୍ୟୁରେ ସୋର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଫେରାର ଅଭିଯୁକ୍ତ ଗିରଫ

ରୂପସା, ୨୨।୧୦(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ଼ ଚଢ଼ାଉ କରି ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଜଙ୍ଗରାଇ ଗ୍ରାମର ଶେଖ ତେଜମତ। ୨୦୧୬ ମସିହାର ଏକ ଗଣ୍ଡଗୋଳ ମାମଲାରେ ସେ ସମ୍ପୃକ୍ତ ଥିବା ପୋଲିସ କହିଛି। ୩ବର୍ଷ ଧରି ସେ ଫେରାର ଥିଲେ। ସେ ଘରେ ଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଝାଡ଼ଖଣ୍ଡରୁ ନାବାଳିକା ଉଦ୍ଧାର

**ଚମ୍ପୁଆ,୨୨।୧୦(ଡି.ଏନ.ଏ.):** ପାଞ୍ଚ ମାସ ହେଲା ନିଖୋଜ ଥିବା ଜଣେ ନାବାଳିକାଙ୍କୁ ଚମ୍ପୁଆ ପୋଲିସ ଝାଡଖଣ୍ଡ ଅଞ୍ଚଳରୁ ଉଦ୍ଧାର କରିଛି। ଚମ୍ପୁଆ ବ୍ଲକ ମହେଶ୍ୱର ଅଞ୍ଚଳର ନାବାଳିକା ଜଣଙ୍କ ୨୬।୫।୨୦୧୮ରୁ ନିଖୋଜ ଥିଲେ। ପରିବାର ଲୋକ ବହୁ ଖୋଜି ତାଙ୍କୁ ପାଇ ନ ଥିଲେ। ବିଫଳ ପରିବାର ଲୋକେ ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚମ୍ପୁଆ ଆଇଆଇସି ସୁମିତ କୁମାର ସୋରେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ ଝାଡଖଣ୍ଡ ଅଞ୍ଚଳରେ ଖୋଜା ଖୋଜି କରିଥିଲେ। ଝାଡଖଣ୍ଡ ଅଞ୍ଚଳର ଜଗନ୍ନାଥପୁର ଥାନା ତୁଲେଇପି ଗ୍ରାମରୁ ନାବାଳିକାଙ୍କୁ ଗତ ୨୧।୧୦।୨୦୧୮ରେ ଉଦ୍ଧାର କରାଯାଇଥିଲା। ନିଖୋଜର କାରଣ ସ୍ପଷ୍ଟ ହୋଇ ନାହିଁ।

### ସିରିଜ୍ ଚୋରି ଅଭିଯୋଗରେ ଜଣେ ଗିରଫ

**ଝୁମ୍ପୁରା, ୨୨।୧୦(ଡି.ଏନ.ଏ.):** ଝୁମ୍ପୁରା ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, କ୍ୱାର୍ଟର୍ସ୍, ବ୍ୟବସାୟ ପ୍ରତିଷ୍ଠାନ ଏବଂ ଘରେ କେହି ନ ଥିବାର ସୁଯୋଗ ପାଇ ଚୋରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ପ୍ରକାଶ ଚନ୍ଦ୍ର ମାଝି। ଝୁମ୍ପୁରା ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶଙ୍କ ଘର ଝୁମ୍ପୁରା ପଞ୍ଚାୟତ ଶ୍ରୀରାମପୁର ଗ୍ରାମରେ। କିଛି ମାସ ପୂର୍ବରୁ ସେ ଝୁମ୍ପୁରା ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗାଣ ସହାୟକ ଭାବେ କାମ କରୁଥିଲେ। ଅଗ୍ନିଶମ ସେବା କେନ୍ଦ୍ର, ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବଜାର ଅଞ୍ଚଳରୁ ବାରମ୍ବାର ଚୋରି ହେଉଥିବା ନେଇ ଅଭିଯୋଗ ହୋଇଥିଲା।

### ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**କେନ୍ଦୁଝର,୨୨।୧୦(ସ୍ୱ.ପ୍ର.):** ଦୁର୍ଗାପୂଜା ଉପଲକ୍ଷେ ଆରମ୍ଭ ହୋଇଥିବା ଏସ୍‌ଏସ୍‌ଡିସିସି ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ନୃତ୍ୟ କଳାକାର ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜୁନିଅର ଓ ସିନିଅର ବିଭାଗରେ କଟକ, ଭୁବନେଶ୍ୱର, ବାରିପଦା, ରାଉରକେଲା, ଝାରଖଣ୍ଡ, ଯାଜପୁର, କେନ୍ଦୁଝର, ବଡବିଲ ଅଞ୍ଚଳର ୨୦ ନୃତ୍ୟ କଳାକାର ପ୍ରତିଯୋଗୀ ଭାଗ ନେଇ ଥିଲେ। ବିଚାରକଙ୍କ ଦ୍ୱାରା ଚୟନ ହୋଇ କନିଷ୍ଠ ବିଭାଗରେ ଚିରଶ୍ରୀ ସାଗରିକା (କେନ୍ଦୁଝର) ପ୍ରଥମ ହୋଇଥିବା ବେଳେ ଦିପାଳୀ ନାୟକ (ରାଉରକେଲା) ଦ୍ୱିତୀୟ ହୋଇ ପୁରସ୍କୃତ ହୋଇଛନ୍ତି। ବରିଷ୍ଠ ବିଭାଗରେ ସିଦ୍ଧାର୍ଥ ମହାପାତ୍ର (ଚମ୍ପୁଆ) ପ୍ରଥମ ହୋଇଥିବା ବେଳେ ଲିପୁ ଓସାର (କଟକ) ଦ୍ୱିତୀୟ ହୋଇ ପୁରସ୍କୃତ ହୋଇଛନ୍ତି। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଅଶ୍ୱିନୀ ପଟ୍ଟନାୟକ, ସୁବର୍ଣ୍ଣ ନାୟକ ଓ ବିପ୍ଳବ ମିଶ୍ର ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସ୍କୃତିକ ପ୍ରେମୀ ଓ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ଭୟରେ ବିତୁଛି ଜୀବନ

**ରାଇସୁଆଁ, ୨୨।୧୦(ଡି.ଏନ.ଏ.)**

**ହାତୀ ଉପଦ୍ରବ**
- ଧାନ ଫସଲ ନଷ୍ଟ
- ଚିନ୍ତାରେ ଶତାଧିକ ଚାଷୀ
- ପଦକ୍ଷେପ ନିଆଯାଉନି

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ତରମାକାନ୍ତ ଗ୍ରାମରେ ହାତୀ ଉପଦ୍ରବ ଥମିବାରେ ନା ଧରୁନି। ୧୫ ଦିନ ହେଲା ଗ୍ରାମ ନିକଟ ଜଙ୍ଗଲରେ ୨୦ରୁ ଅଧିକ ହାତୀ ଦଳବଦ୍ଧ ହୋଇ ରହିଛନ୍ତି। ରାତି ହେଲେ ଗ୍ରାମ ନିକଟକୁ ଆସି ଧାନ ଫସଲ ନଷ୍ଟ କରୁଛନ୍ତି। ସ୍ଥାନୀୟ ଗ୍ରାମବାସୀ ଘୋଉଡାଇବାକୁ ଚେଷ୍ଟା କରୁଛନ୍ତି। ମାତ୍ର ହାତୀପଲ ଜଙ୍ଗଲ ଛାଡୁ ନାହାନ୍ତି। ଗ୍ରାମବାସୀ ଭୟଭୀତ ଜୀବନ ବିତାଉଛନ୍ତି। ରାତିହେଲେ ଲୋକେ ଘରେ ଶୋଇ ପାରୁ ନ ଥିବା ବେଳେ ହାତୀ ଆକ୍ରମଣ ଆଶଙ୍କ ରହୁଛି। ଭୟଭିତ ଅବସ୍ଥାରେ ରହୁଥିବା ସ୍ଥାନୀୟ ଗ୍ରାମବାସୀ ପୁରୁଷୋତ୍ତମ ମହାକୁଡ, ସୁଦ୍ର ମହାକୁଡ କହିଛନ୍ତି।


ହାତୀ ନଷ୍ଟ କରିଥିବା ଫସଲ।

ସ୍ଥାନୀୟ ଚାଷୀଙ୍କ ବହୁ ଏକର ଧାନ ଫସଲ ହାତୀ ନଷ୍ଟ କରିଛି। ବହୁ କଷ୍ଟରେ ବ୍ୟାଙ୍କ ଏବଂ ଗ୍ରାମମହାଜନଙ୍କଠାରୁ ଧାର କରଜ କରି ଧାନ ଫସଲ କରିଥିଲେ। ସବୁ ହାତୀ ମୁହଁରେ ଗଲା। ଧାନ ଫସଲ ନଷ୍ଟ ହୋଇ ଯିବାରୁ ଚାଷୀ ଚିନ୍ତାରେ ରହିଛନ୍ତି। ସେମାନେ କିପରି ଋଣ ଶୁଝିବେ ସେ ଚିନ୍ତାରେ ରହିଛନ୍ତି। ବହୁବାର ବନ ବିଭାଗକୁ ଜଣାଇଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ସ୍ଥାନୀୟ ଜନସାଧାରଣ କହିଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଜାମୁନାଳିଆ ଜଙ୍ଗଲରେ ୨୨ ହାତୀ


ଧାନ ଖେତରେ ହାତୀପଲ।

**କେନ୍ଦୁଝର, ୨୨।୧୦(ସ୍ୱ.ପ୍ର.)**

ସଦର ରେଞ୍ଜ ଜାମୁନାଳିଆ ଗ୍ରାମ ଜଙ୍ଗଲକୁ ୨୨ ହାତୀ ପଶି ଆସିଛନ୍ତି। ଆଖପାଖ ଅଞ୍ଚଳ ଗ୍ରାମର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଧାନ ପାଚିଲା ସମୟ ବେଳେ ହାତୀ କ୍ଷେତ ମୁହାଁ ହେଉଛନ୍ତି। ଧାନ ଫସଲର ସୁରକ୍ଷା ପାଇଁ ଚାଷୀ ଚିନ୍ତାରେ ରହିଛନ୍ତି। ଦିନ ବେଳା ଜାମୁନାଳିଆ, ଗୁହାଳଚଟୁଆ, ଖୋଳପା ଆଦି ଗ୍ରାମରେ ହାତୀପଲ ବ୍ୟାପକ ଧାନ ଫସଲ ନଷ୍ଟ କରୁଛନ୍ତି। ଏ ନେଇ ବନ ବିଭାଗ ପକ୍ଷରୁ ହାତୀଙ୍କ ଉପରେ ନଜର ରଖିଥିବା ବେଳେ ଲୋକମାନଙ୍କୁ ସତର୍କତା କରିବା ସହ ଘଉଡାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି।

# ନବ ବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ

**ଆନନ୍ଦପୁର, ୨୨।୧୦(ସ୍ୱ.ପ୍ର.)**

ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନ ସାଇଁପାଳ ଗ୍ରାମରେ ଜଣେ ନବବିବାହିତା ଗର୍ଭବତୀ ମହିଳାଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ସରମଣା ଗ୍ରାମର ଦିବାକର ରାଉତଙ୍କ ଝିଅ ଚନ୍ଦ୍ରକାନ୍ତୀଙ୍କ ସହ ରାମଚନ୍ଦ୍ରପୁର ଥାନା ବାବୁଲି ପରିଡାଙ୍କ ପୁଅ ଅଶୋକ ସହ ୪ ମାସ ତଳେ ବିବାହ ହୋଇଥିଲା। ଚନ୍ଦ୍ରକାନ୍ତୀ ୩ ମାସର ଗର୍ଭବତୀ ଥିଲେ। ରବିବାର ଅସୁସ୍ଥତା କାରଣରୁ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାଠାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଚନ୍ଦ୍ରକାନ୍ତି ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଶ୍ୱଶୁର ଘର ଲୋକେ କହୁଛନ୍ତି। ଅନ୍ୟପଟେ ଝିଅକୁ ହତ୍ୟା କରାଯାଇଛି ବୋଲି ଚନ୍ଦ୍ରକାନ୍ତୀଙ୍କ ବାପା ଦିବାକର ଅଭିଯୋଗ କରିଛନ୍ତି। ଖବର ପାଇ ରାମଚନ୍ଦ୍ରପୁର ପୋଲିସ୍ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ମୃତ ଚନ୍ଦ୍ରକାନ୍ତିଙ୍କ ବାପା ଦିବାକରଙ୍କ ଅଭିଯୋଗକ୍ରମେ ରାମଚନ୍ଦ୍ରପୁର ପୋଲିସ ଏକ ମାମଲା (ନଂ.୧୬୦/୧୮) ରୁଜୁ କରିଛି। ସ୍ୱାମୀ ଅଶୋକ ପରିଡାକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

■ ଘସିପୁରା ବସ୍ ଷ୍ଟାଣ୍ଡ ଗଣ୍ଡଗୋଳ ଘଟଣା

# ୩ ଜଣଙ୍କ ଆତ୍ମସମର୍ପଣ

**ଆନନ୍ଦପୁର, ୨୨।୧୦(ସ୍ୱ.ପ୍ର.)**

ଘସିପୁରା ବସ୍‌ଷ୍ଟାଣ୍ଡଠାରେ ଗତ ସେପ୍ଟେମ୍ବର ୬ରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏ ନେଇ ଘସିପୁରା ଥାନାରେ ପୃଥକ ମାମଲା ରୁଜୁ ହୋଇଥିଲା। ପୂର୍ବତନ ପୌରାଧ୍ୟକ୍ଷ ସୁରେଶ ସାହୁଙ୍କ ଉପରେ ଆକ୍ରମଣ ଅଭିଯୋଗରେ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ ପ୍ରଥମେ ପୋଲିସ ଗିରଫ କରିଥିଲା। ସମ୍ପୃକ୍ତ ଘଟଣାରେ ପୂନର୍ବାର ୧୦ ତାରିଖରେ ଘସିପୁରା ଗ୍ରାମର ଅକ୍ଷୟ ସାହୁଙ୍କୁ ପୋଲିସ ଗିରଫ କରିଥିଲା। ସେହି ଘଟଣାରେ ଜଡିତ ଥିବା ନେଇ ଘସିପୁରା ଗ୍ରାମର ନିରଞ୍ଜନ ସାହୁ, ଘସିପୁରା ଭାଜପା ଯୁବ ସଭାପତି ଆଶିଷ ବେହେରା ଓ ଅଜୟ କୁମାର ସାହୁଙ୍କ ନାମରେ ଥାନାରେ ମମଲା ରୁଜୁ ହୋଇଥିଲା। ସୋମବାର ମେମାନେ ଘସିପୁରା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ଘସିପୁରା ପୋଲିସ ତିନି ଜଣଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟରେ ହାଜର କରାଇବା ପରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡିଛି।

ଭାଜପା ଯୁବ ସଭାପତି ଆଶିଷଙ୍କ ପରିବାର ଲୋକଙ୍କ ଉପରେ ହୋଇଥିବା ଆକ୍ରମଣ ନେଇ ସେ ଘସିପୁରା ଥାନାରେ ପ୍ରଥମେ ଅଭିଯୋଗ କରିଥିଲେ। ଯାହାର କେସ୍ (ନଂ.୧୮୦/୧୮)। ଏହି ଅଭିଯୋଗରେ ୧୧ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପୋଲିସ ପ୍ରଥମେ ଦିଆଯାଇଥିବା ଅଭିଯୋଗକୁ ଦୃଷ୍ଟିକୁ ନ ଆଣି ଦ୍ୱିତୀୟ ଅଭିଯୋଗକୁ ଗୁରୁତ୍ୱ ଦେବା ସହ ୫ ଜଣଙ୍କୁ ଗିରଫ କରିସାରିଛି। ଯାହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ଉକ୍ତ ଘଟଣାକୁ ଦେଢ ମାସ ବିତିଯାଇଥିଲେ ସୁଦ୍ଧା ପ୍ରଥମ ଅଭିଯୋଗ ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାବେଳେ ଉଭୟ ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସଫେଇ ଦେଇଛି।

# ଅଭିଯୋଗ ଶୁଣିଲେ ଜିଲାପାଳ


ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

**ଯୋଡ଼ା, ୨୨।୧୦(ଡି.ଏନ.ଏ.)**

ଯୋଡ଼ା ବ୍ଲକର ସଭାଗୃହଠାରେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଏକ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳଙ୍କ ସମେତ କେନ୍ଦୁଝର ଏସପି ଜୟନାରାୟଣ ପଙ୍କଜ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଚୌଧୁରୀ ସ୍ୱରୂପ ମିଶ୍ର, ଚମ୍ପୁଆ ଉପଜିଲାପାଳ ପାରୁଲ ପଟ୍ଟାୱରୀ, ବଡବିଲ ଅତିରିକ୍ତ ତହସିଲଦାର ମଧୁସ୍ମିତା ବିସି, ଯୋଡା ବ୍ଲକ ଅଧକ୍ଷା ସୁକୁମାରୀ ଦେହୁରି, ଯୋଡା ବ୍ଲକ ସହକାରୀ ଯନ୍ତ୍ରୀ ଯଦୁନାଥ ମୁର୍ମୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଯୋଡା ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୫ ଜଣଙ୍କର ଅଭିଯୋଗ ଶୁଣାଣି ହୋଇଥିଲା।

ବିଭିନ୍ନ ସମସ୍ୟା ମଧ୍ୟରେ ଗୁଡିକ ମଧ୍ୟରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ସମସ୍ୟା, ନୂତନ ରାସ୍ତା ଓ ରାସ୍ତା ମରାମତି, ପୋଲର ମରାମତି, ସାଧାରଣ ବଣ୍ଟନରୁ ବଞ୍ଚିତ ହୋଇଥିବା ଲୋକଙ୍କୁ ନୂତନ ରାଶନ କାର୍ଡର ବ୍ୟବସ୍ଥା ସହ ସମସ୍ୟା ଉପରେ ଅଭିଯୋଗ ହୋଇଥିଲା। ଯୋଡା ବ୍ଲକର ଜିଲା ପରିଷଦ ସଦସ୍ୟ ବାସୁଦେବ ନାଏକ କାଳିମାଟିଠାରୁ ଯୋଡା ରଣାଶାଳ ଘାଟି ପର୍ଯ୍ୟନ୍ତ ରାସ୍ତାର ମରାମତି ପାଇଁ ଅଭିଯୋଗ କରିଥିଲେ। ବିଲେଇପଦା-ମୁର୍ଗା ରାସ୍ତାର ନିର୍ମାଣ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ଦେଓଝର ସରପଞ୍ଚ ମଙ୍ଗଲ ମୁଣ୍ଡା ଅଭିଯୋଗ କରିଥିଲେ। ବଲାଣି ଗ୍ରାମ ପଞ୍ଚାୟତର ବିଜୁ ପକ୍କା ଘର ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ବୈଠକରେ ଅଭିଯୋଗ ହୋଇଥିଲା। ସେରେଣ୍ଡା ଗ୍ରାମରେ ଏବେ ବି ବିଭିନ୍ନ ସାହି ଅନ୍ଧକାରରେ ରହିଥିବା ଏବଂ ସେଠାରେ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା କରିବା ପାଇଁ ପୂର୍ବତନ ସରପଞ୍ଚ ଭଗବାନ ଚାଟମ୍ବା ଅଭିଯୋଗ କରିଥିଲେ।

# କୁଆଁର ପୁନେଇଁ ପ୍ରସ୍ତୁତି

**କୋଳିମାଟି, ୨୨।୧୦**

ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାରମ୍ପରିକ ରିତିନୀତି ଅନୁସାରେ କୁଆଁରୀ ଝିଅମାନେ ସଜବାଜ ହୋଇ ତୁଳସୀ ଚଉରା ମୂଳେ ଧୂପ, ଦୀପ ଓ ଫୁଲ ଦେଇ ବନ୍ଦାପନା କରି କୁଆଁର ପୂର୍ଣ୍ଣିମାକୁ ସ୍ୱାଗତ କରୁଛନ୍ତି। ନିଜର ମନସ୍କାମନା ପାଇଁ ଶୁଭମନାସୁଛନ୍ତି।

କୁଆଁର ପୂର୍ଣ୍ଣିମା କୋଳିମାଟି ପଞ୍ଚାୟତ ପାଇଁ ଏକ ନିଆରା ପରମ୍ପରାର। କୁଆଁରି ଝିଅମାନେ ଅତି ଆଡମ୍ବର ସହକାରେ ପ୍ରତିବର୍ଷ ପାଳନ କରି ଆସୁଛନ୍ତି। ନୂଆପଡା, ଅର୍ଜ୍ଜୁନବଣିଆ, କନ୍ତୋ, ଦରଗୋଡିଶିଳା, କାଦୁଅବାହାଳି, କୋମଡ, ଯାତ୍ରାକୁସୁମ, କୋଳିମାଟିରେ ପାଳନ ହେଉଛି।

# ଲକ୍ଷ୍ମୀ ପୂଜା ପାଇଁ ହାତୀବନ୍ଧା ଚଳଚଞ୍ଚଳ

**କୋଳିମାଟି, ୨୨।୧୦**

ଅନନ୍ଦପୁର ବାଇଲୋ ପଞ୍ଚାୟତ ହାତୀବନ୍ଧା ଗ୍ରାମରେ ଲକ୍ଷ୍ମୀ ନାରାୟଣ ପୂଜା ଆନନ୍ଦ ଉଲ୍ଲାସରେ ପାଳିତ ହେବ ବୋଲି କମିଟି ତରଫରୁ ସୂଚନା ମିଳିଛି। ଗ୍ରାମରେ ସମୁଦାୟ ୪ଟି ମେଢ ହୋଇଥିବା ବେଳେ ମଝି ସାହିର ମେଢ ଶିଳ୍ପୀ ନୃସିଂହ ଦାସଙ୍କ ଦ୍ୱାରା ନିର୍ମିତ ହୋଇଛି। ଆସନ୍ତା ୨୫ ତାରିଖରେ ଭଜନ ସନ୍ଧ୍ୟା ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ମଝି ସାହିର ସଦସ୍ୟ ଉପେନ୍ଦ୍ର ବେହେରା, ପ୍ରାଣକୃଷ୍ଣ ଜେନା, ଯୁଧିଷ୍ଠିର ଜେନା, ଭୀମସେନ ଜେନା, ଜୟପ୍ରକାଶ ଜେନା, ଯଦୁମଣି ବେହେରା, ଭାସ୍କର ବେହେରା, କୃଷ୍ଣଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଚନ୍ଦ୍ରମଣୀ ବେହେରା, ରମେଶ ଚନ୍ଦ୍ର ଜେନା କାର୍ଯ୍ୟର ଦାୟିତ୍ୱ ନେଇଛନ୍ତି। ତଳ ସାହିରେ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇଛି। ତଳ ସାହିର କର୍ମକର୍ତ୍ତା ଅନାଦି ଦାସ, ଗୋଲୋକ ବିହାରୀ ଦାସ, ପ୍ରାଣକୃଷ୍ଣ ଦାସ, ଶ୍ୟାମ ସୁନ୍ଦର ଦାସ, ବଳରାମ ଖଟୁଆ, ବାବନ ଖଟୁଆ ପ୍ରମୁଖ ସହଯୋଗ କରୁଛନ୍ତି।

■ ବଡ଼ବିଲରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ବଡବିଲ, ୨୨।୧୦(ସ୍ୱ.ପ୍ର.)**

ବଡ଼ବିଲସ୍ଥିତ ଡିଗ୍ରୀ କଲେଜରେ ସୋମବାର ବିଜୁ ଯୁବବାହିନୀର 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ଏମ୍‌ପି ଯୋଶବନ୍ତ ନାରାୟଣସିଂ ଲାଗୁରୀ, ସମ୍ମାନିତ ଅତିଥି ଭାବେ ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତ ଏବଂ ପୌରନିର୍ବାହୀ ଅଧିକାରୀ ମନୋରଞ୍ଜନ ଦେଓ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ବିଲ କଲେଜ ଅଧକ୍ଷ ଦାୟିତ୍ୱରେ ଥିବା ଅଧ୍ୟାପକ ବଳିୟାର ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଭା ଅନ୍ୱେଷଣରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁଁ ଯୁବ ପ୍ରତିଭା ଜିଲା ତଥା ରାଜ୍ୟ ଓ ଦେଶ ବିଦେଶରେ ନାଁ କରିବାର ସୁଯୋଗ ପାଇବେ ବୋଲି ସେ କହିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

ବଡବିଲ କଲେଜ ଓ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଯୋଗଦେଇ ବଂଶୀବାଦନ, ନୃତ୍ୟ ଓ ସଂଗୀତ ଆଦି ପରିବେଷଣ କରି ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଜେଡି ବଡବିଲ ନଗରର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ କର, କେନ୍ଦୁଝର ଏମପିଙ୍କ ପ୍ରତିନିଧି ଦେବରଞ୍ଜନ ନାୟକ, ପ୍ରଭୁଦତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ।

# ଚମ୍ପୁଆ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

**ଚମ୍ପୁଆ, ୨୨।୧୦(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟର ରୂପରେଖ ପ୍ରସ୍ତୁତି ନେଇ ଚମ୍ପୁଆ ବ୍ଲକରେ ସ୍ୱତନ୍ତ୍ର ବୈଠକ ପଞ୍ଚାୟତ ସମିତି ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଚେୟାରମ୍ୟାନ ରମଣୀ ନାଏକଙ୍କ ଅଧ୍ୟକ୍ଷତାରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ହୃଷିକେଶ ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୁପୁର ଚାନ୍ଦଗୋଟିଆ, ଏବିଡିଓ ଶରତ ଚନ୍ଦ୍ର ବାରିକ, ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ହରେକୃଷ୍ଣ ପାତ୍ର, ମୁରଲୀ ପ୍ରସାଦ, ଜିଲାପରିଷଦ ସଭ୍ୟ ମାନସ ରଞ୍ଜନ ବେହେରା, ଲୀଳାବତୀ ଖିଲାର, ମଞ୍ଜୁଲତା ନାଏକ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଅଧିବେଶନରେ କୋଦଗାଡିଆଠାରୁ ଟଟୁଆବାହାଳ ପର୍ଯ୍ୟନ୍ତ ୬.୧୫ କିମି, କରିଞ୍ଜିଆଠାରୁ ବାଙ୍କିଆ ୭.୫ କିମି, ଦୋଲିତାଠାରୁ ଶ୍ରୀଧରପୁର ୫.୧୫ କିମି, କଞ୍ଚନପୁର ଛକଠାରୁ ମଥୁରାପୁର ୪,୯୪ କିମି, ନାରଦପୁରଠାରୁ ଜଡିପଦା ୧୦ କିମି, ନନ୍ଦପୁରଠାରୁ ନିଶ୍ଚିନ୍ତପୁର ୧୨ କିମି, କାଳିକାପ୍ରସାଦଠାରୁ ସୁନାପଶି ୮.୩୫ କିମି, ବସାସାହିଠାରୁ ଅଡଙ୍ଗାପାଳ ପର୍ଯ୍ୟନ୍ତ ୩.୯୦ କିମି ରାସ୍ତା ନିର୍ମାଣ ପାଇଁ ନିଷ୍ପତ୍ତି ଗୃହୀତ ହୋଇଛି।

# ମନ ମୋହିଲା ନୃତ୍ୟ ପରିବେଷଣ

**ଆନନ୍ଦପୁର, ୨୨।୧୦(ସ୍ୱ.ପ୍ର.)**

ଆନନ୍ଦପୁର ଶାଳପଡ଼ାର ଅଗ୍ରଣୀ ନୃତ୍ୟାନୁଷ୍ଠାନ ପକ୍ଷରୁ ଦଶହରା ଉପଲକ୍ଷେ ଘସିପୁରା ଦୁର୍ଗାମଣ୍ଡପରେ ନୃତ୍ୟାଭିନୟ ମା' ଦୁର୍ଗା ବେଶ ଆକର୍ଷଣୀୟ ହୋଇପାରିଥିଲା। ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ମା' ଦୁର୍ଗାଙ୍କ ଧରାପୃଷ୍ଠକୁ ଅବତରଣ କରିବାର ଉଦ୍ଦେଶ୍ୟ ଓ କଥାମୃତକୁ ନେଇ ନୃତ୍ୟଶିଳ୍ପୀ ବିନୋଦ ଓଝା, ଇତିଶ୍ରୀ ସାହୁ, ଇତିଶ୍ରୀ ଓଝା, ଦେବାଙ୍ଗୀ ସେନାପତି, ପଦ୍ମଜା ଦାଶ, ସଞ୍ଚାରୀ ପଣ୍ଡା, ଶ୍ରଦ୍ଧାଞ୍ଜଳି ପଣ୍ଡା, ଟୁଇଙ୍କିଲ ସାହୁ ପ୍ରମୁଖ କଳାକାର ଉପସ୍ଥାପନା କରିଥିଲେ। ପରେ କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ବେଶ ଆକର୍ଷଣୀୟ ହୋଇପାରିଥିଲା। ଅଭିନେତା ମାନସ ସାହୁଙ୍କ ଦ୍ୱାରା କାର୍ଯ୍ୟକ୍ରମର ସଂଯୋଜନା କରାଯାଇଥିବାବେଳେ କଳାକାରମାନଙ୍କ ନୃତ୍ୟ ପରିବେଷଣରେ ମୁଗ୍ଧ ହୋଇ କମିଟି ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।




**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** — **ଡିମାଣ୍ଡ ନୋଟିସ୍**

କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୪

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ଏତଦ୍‌ଦ୍ୱାରା ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ତାଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଅବଗତ କରାଗଲା।

| ବଡ଼ମ୍ବା ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମଥୁରା ସାହୁ,** ପିତା: କୃଷ୍ଣ ସାହୁ, ସା: ସୁନାପାଳ, ପୋ: ବଡ଼ମ୍ବା, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୧୧୪୫୨୨୫୬୦୦୪** | **ମଥୁରା ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସୁନାପାଳ, ଖାତା ନଂ.: ୪୬୬/୨୨୫, ପ୍ଲଟ୍ ନଂ.: ୮୩୮, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୩୦.୦୪.୨୦୧୬ | ୧୮.୦୯.୨୦୧୮ ସୁଦ୍ଧା ଟ.୧,୯୯,୧୨୧/- |
| **ଋଣଗ୍ରହୀତା: ବସନ୍ତ କୁମାର ମିଶ୍ର,** ପିତା: କୁଳମଣୀ ମିଶ୍ର, ସା: କେନ୍ଦୁପଲ୍ଲି, ପୋ: ନୁଖାପଡା, ନରସିଂହପୁର, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୧୧୪୫୨୨୫୬୧୪୦** | **ବସନ୍ତ କୁମାର ମିଶ୍ରଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଠେଙ୍ଗାପଲ୍ଲି, ଖାତା ନଂ.: ୮୭/୫୪, ପ୍ଲଟ୍ ନଂ.: ୩୧୭, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୨୯.୧୨.୨୦୧୪ | ୧୮.୦୯.୨୦୧୮ ସୁଦ୍ଧା ଟ.୩,୫୮,୩୯୦/- |
| **ଋଣଗ୍ରହୀତା: ଜଗବନ୍ଧୁ ରାଉତ,** ପିତା: ଆନନ୍ଦ ରାଉତ, ସା/ପୋ: ବାଙ୍ଗରସିଂହା, ବଡ଼ମ୍ବା, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୧୧୪୫୨୨୫୬୨୩୧** | **ଜଗବନ୍ଧୁ ରାଉତଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ବାଙ୍ଗରସିଂହା, ଖାତା ନଂ.: ୮୮୨/୧୫୮, ପ୍ଲଟ୍ ନଂ.: ୨୮୬୬/୭୬୨୨, କ୍ଷେତ୍ର: ଏକର୦.୦୨୦ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୧୦.୧୧.୨୦୧୫ | ୧୮.୦୯.୨୦୧୮ ସୁଦ୍ଧା ଟ.୨,୩୫,୫୨୬/- |
| **ଋଣଗ୍ରହୀତା: ନିବାସ ବେହେରା,** ପିତା: ଅନ୍ତର୍ଯ୍ୟାମୀ ବେହେରା, ସା: ବାଙ୍ଗରସିଂହା, ବଡ଼ମ୍ବା, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୩୦୩୫୨୧୭୮୦୭୦** | **ନିବାସ ବେହେରାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ବାଙ୍ଗରସିଂହା, ଖାତା ନଂ.: ୧୪୬, ପ୍ଲଟ୍ ନଂ.: ୬୧୦୩, କ୍ଷେତ୍ର: ଏକର୦.୦୨ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୧୦.୧୧.୨୦୧୫ | ୧୮.୦୯.୨୦୧୮ ସୁଦ୍ଧା ଟ.୫,୦୮,୨୭୧/- |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତାମାନଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୨୨.୧୦.୨୦୧୮
ସ୍ଥାନ : କଟକ

କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ